## ସଂକ୍ଷେପରେ

### ଓଡ଼ିଆ ବ୍ୟାକରଣ ପୁସ୍ତିକା ‘ଭାଷା ସୁମନ’ ଲୋକାର୍ପିତ

**ତିର୍ତ୍ତୋଲ,୧୮।୩(ଡି.ଏନ.ଏ.):** ତିର୍ତ୍ତୋଲ ବ୍ଲକ ସାଗବାରିଆସ୍ଥିତ ସୁଶ୍ରୀ ଶୁଭଶ୍ରୀ ସାହିତ୍ୟ ଅନୁଷ୍ଠାନର ସମ୍ପାଦିକା ବସନ୍ତ ମଞ୍ଜରୀ ଦାସଙ୍କ ଲିଖିତ ଓଡ଼ିଆ ବ୍ୟାକରଣ ପୁସ୍ତିକା ‘ଭାଷା ସୁମନ’ ଲୋକାର୍ପିତ ହୋଇଛି। ଏହି ଅବସରରେ ଆୟୋଜିତ ଉତ୍ସବରେ ଗାଳ୍ପିକ ରବି ସ୍ୱାଇଁ ମୁଖ୍ୟଅତିଥି, କବି ଭୂଷଣ ମୀନକେତନ ଦାସ, ଜଗତ୍‌ସିଂହପୁର ସାହିତ୍ୟ ସଂସଦ ସମ୍ପାଦକ ଉମାକାନ୍ତ ନାୟକ, ଅଧ୍ୟାପକ ଜଗନ୍ନାଥ ସାମଲ, ପ୍ରେରଣାର ସମ୍ପାଦକ ନାଗୁ ଚରଣ ଦେବତା, ସଭାପତି ନଗେନ୍ଦ୍ରନାଥ ସ୍ୱାଇଁ, କବି ଶୁଭନାରାୟଣ ଦାସ, ବିଷ୍ଣୁପ୍ରିୟା ମିଶ୍ର, ନାରାୟଣ ମହାରଣା, କୈଳାସ ଚନ୍ଦ୍ର ପ୍ରଧାନ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିମାଇଁ ଚରଣ ମଲ୍ଲିକ, ସୁଶୀଲ ମହାନ୍ତି, ଅରୁଣ ବେହେରା, କ୍ଷୀରୋଦ ସେଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ‘ଭାଷା ସୁମନ’ ପୁସ୍ତକ ଉନ୍ମୋଚନ କରିଥିଲେ। ଅବକ୍ଷୟମୁଖୀ ଓଡିଆ ଭାଷାର ପୁନରୁଦ୍ଧାର ନିମିତ୍ତ ଏହି ବ୍ୟାକରଣ ବହି ଛାତ୍ରୀଛାତ୍ରଙ୍କ ସହାୟକ ହୋଇପାରିବ ବୋଲି ଅତିଥି ମତପ୍ରକାଶ କରିଥିଲେ। ବହିର ଲେଖିକା ଦାସ ତାଙ୍କ ବକ୍ତବ୍ୟରେ ଏହି ବହି ବିଦ୍ୟାର୍ଥୀମାନଙ୍କ ବ୍ୟାକରଣ ଜ୍ଞାନ ବୃଦ୍ଧି କରିବାରେ ସହାୟକ ହେବ ବୋଲି କହିଥିଲେ।

### କୋର୍ଟ କର୍ମଚାରୀଙ୍କ ବଦଳିକୁ ବିରୋଧ

**କୁଜଙ୍ଗ,୧୮।୩(ସ୍ୱ.ପ୍ର.):** କୁଜଙ୍ଗ କୋର୍ଟରେ କାର୍ଯ୍ୟରତ ଦକ୍ଷ କର୍ମଚାରୀମାନଙ୍କୁ ବାରମ୍ବାର ଅନ୍ୟ କୋର୍ଟକୁ ବଦଳି କରାଯାଉଛି। କ୍ରିମିନାଲ କୋର୍ଟରେ ଦୀର୍ଘଦିନ କାର୍ଯ୍ୟରତ କର୍ମଚାରୀଙ୍କୁ ସିଭିଲ କୋର୍ଟ ଓ ସିଭିଲ କୋର୍ଟରେ ଦୀର୍ଘ ଅଭିଜ୍ଞତା ଥିବା କର୍ମଚାରୀଙ୍କୁ ଅନ୍ୟ କୋର୍ଟ ଆଦିକୁ ବଦଳି କରାଯାଉଛି। ଏହାକୁ କୁଜଙ୍ଗ ଓକିଲ ସଂଘ ପକ୍ଷରୁ ତୀବ୍ର ବିରୋଧ କରାଯାଇଛି। ଏନେଇ ସୋମବାର କୁଜଙ୍ଗ କୋର୍ଟ ପରିସରରେ ବରିଷ୍ଠ ଆଇନଜୀବୀ ସତ୍ୟାନନ୍ଦ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ହୋଇଥିଲା। ଏଥିରେ ଏ.ଏନ୍.ଡି. ଯାଦବ, ସଞ୍ଜୟ ବେହେରା, ଭାରତ ଭୂଷଣ ଦାସ, କୈଳାସ ଚନ୍ଦ୍ର ପରିଡ଼ା, ରମେଶ ଚନ୍ଦ୍ର ଦାସ, ଅର୍ଜୁନ ଚରଣ ନାୟକ, ସୁଶାନ୍ତ କୁମାର ପଟ୍ଟନାୟକ, ଅମୃତ ଦାସ, ମାନସ ଅଧିକାରୀ, ବ୍ରଜ କିଶୋର ରାଉତ, ପ୍ରଭାସ କୁମାର ରାଉତ, ପାର୍ଥସାରଥୀ ମହାନ୍ତି, ଦେବାଶିଷ କଣ୍ଡ ପ୍ରମୁଖ ବହୁ ଆଇନଜୀବୀ ଯୋଗଦେବା ସହ କୋର୍ଟ କାର୍ଯ୍ୟ ବନ୍ଦ କରିଥିଲେ। ଅନ୍ୟପକ୍ଷରେ ଏହି ସମସ୍ୟା ସମ୍ପର୍କରେ ଏକ ପ୍ରତିନିଧି ଦଳ ଜିଲା ଦୌରା ଜଜ ଜଗତ୍‌ସିଂହପୁରଙ୍କୁ ଜଣାଇଛନ୍ତି। ଯଦି ତୁରନ୍ତ ଏହି ବଦଳି ବାତିଲ କରା ନ ଯାଏ ତେବେ ଆଇନଜୀବୀମାନେ ପ୍ରତିବାଦକୁ ଆହୁରି ତୀବ୍ର କରିବେ ବୋଲି ଚେତାବନୀ ଦେଇଛନ୍ତି।

### ନିୟମିତ ଟିକାକରଣ ଚାହିଦା ବୃଦ୍ଧି ପ୍ରୟୋଗଶାଳା

**ବାଲିକୁଦା,୧୮।୩(ସ୍ୱପ୍ର):** ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମାତୃଶିଶୁ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ସଭାଗୃହରେ ନିୟମିତ ଟିକାକରଣ ଚାହିଦା ବୃଦ୍ଧି ପ୍ରୟୋଗଶାଳା ଅନୁଷ୍ଠିତ ହୋଇଛି। ୪ ଟି ପର୍ଯ୍ୟାୟରେ ଏହି ତାଲିମ ପ୍ରଦାନ କରାଯାଇଥିଲା। ଗୋଷ୍ଠୀସ୍ତରରେ ଟିକାକରଣର ଗ୍ରହଣୀୟତା ନିମନ୍ତେ ଏହି ପ୍ରୟୋଗଶାଳା କରାଯାଇଥିଲା। ଶେଷ ଦିନରେ ପ୍ରଶିକ୍ଷକ ଭାବେ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ତୃପ୍ତିମୟୀ ମହାପାତ୍ର ଓ ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସସ୍ମିତା ମହାପାତ୍ର ଯୋଗଦେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ବିପିଏମ ବନ ବିହାରୀ ମହାରଣାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମୁଦାୟ ୧୪୦ ଜଣ ପ୍ରଶିକ୍ଷଣ ଲାଭ କରିଥିଲେ। ସେମାନଙ୍କ ମଧ୍ୟରେ ୭୦ ଜଣ ଆଶା କର୍ମୀ ଥିବାବେଳେ ୭୦ ଜଣ ଅଙ୍ଗନୱାଡି କର୍ମୀ ଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷକ ଡା. ସୁବାସ ଚନ୍ଦ୍ର ବେହେରା ଶିବିର ଉଦ୍‌ଘାଟନ କରିଥିଲେ। ତାଲିମରୁ ବାଦ ପଡିଥିବା ଅନ୍ୟ ସମସ୍ତ ଆଶା କର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କୁ ପରବର୍ତ୍ତୀ ପର୍ଯ୍ୟାୟରେ ଏହି ତାଲିମ ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଥିଲା। ଉଦ୍‌ଯାପନ ଉତ୍ସବରେ ଡା. ଜ୍ଞାନରଞ୍ଜନ ନାୟକ ଯୋଗଦେଇଥିଲେ। ବରିଷ୍ଠ ସ୍ୱାସ୍ଥ୍ୟ ପରିଦର୍ଶକ ଶରତ ଚନ୍ଦ୍ର ଗିରି, ପରିଦର୍ଶିକା ପ୍ରଭାସିନୀ ମହାରଣା, ସ୍ୱାସ୍ଥ୍ୟକର୍ମୀ କୈଳାସ ଚନ୍ଦ୍ର ପୃଷ୍ଟି, ବ୍ଲକ ଆକାଉଣ୍ଟ ମ୍ୟାନେଜର ମାନବେନ୍ଦ୍ର ଶତପଥୀ, ବ୍ଲକ ଡାଟା ମ୍ୟାନେଜର ସୌରଜିତ୍ ସାହୁ, କନିଷ୍ଠ କିରାଣି ଶ୍ରୀମନ୍ତ କୁମାର ବେହେରା, କର୍ମଚାରୀ ରାହାସ ବିହାରୀ ପରିଡା, ଦିଲୀପ ମୁଦୁଲି, ନିଲୁ ନାୟକ, ସଞ୍ଜୟ ନାୟକ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ତାଳଦଣ୍ଡା ଜହର ପିଉଛନ୍ତି ଲୋକେ

**ପାରାଦୀପ,୧୮।୩(ସ୍ୱ.ପ୍ର.)**



ତାଳଦଣ୍ଡା କେନାଲରୁ ପାଇପ ଯୋଗେ ପାଣି ସଂଗ୍ରହ କରାଯାଉଥିବା ସ୍ଥାନ।

- ବ୍ୟବହାର ଅନୁପଯୋଗୀ ହୋଇପଡିଛି ଜଳ
- ଏକାଧିକଥର ପରୀକ୍ଷା କରିଛି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ
- ସବୁଜାଣି ନୀରବ ରହୁଛି ପ୍ରଶାସନ

ବନ୍ଦର ଭିତ୍ତିକ ଶିଳ୍ପ ସହର ପାରାଦୀପର ଜୀବନରେଖା ହେଉଛି ତାଳଦଣ୍ଡା କେନାଲ। ତେବେ ଗତ ୨ ବର୍ଷ ହେଲା ଏହି କେନାଲ ପାଣି ବ୍ୟାପକ ମାତ୍ରାରେ ପ୍ରଦୂଷିତ ହୋଇଯାଇଛି। ଏପରିକି ଏହି କେନାଲ ପାଣି ଗାଧୋଇବା ଓ ପିଇବା ଅନୁପଯୋଗୀ ବୋଲି ଖୋଦ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଏକାଧିକ ପରୀକ୍ଷା ପରେ କୁହାଯାଇଛି। ୨୦୧୬ ଫେବୃୟାରୀରୁ ୨୦୧୮ ଫେବୃୟାରୀ ପର୍ଯ୍ୟନ୍ତ ୨ ବର୍ଷ ମଧ୍ୟରେ ଏକାଧିକ ଥର ଏହି କେନାଲର ଜଳ ପରୀକ୍ଷା କରାଯାଇଛି। ୨୦୧୮ ଫେବୃୟାରୀ ୨୦ରେ ଏହାର ରିପୋର୍ଟ ସାର୍ବଜନିନ କରାଯାଇଥିଲଶ। ତାଳଦଣ୍ଡା କେନାଲ ପାଣି ବ୍ୟବହାର ଅନୁପଯୋଗୀ ବୋଲି ଘୋଷଣା ପରେ ମଧ୍ୟ ସେହି ପାଣିକୁ ପାରାଦୀପର ୧୫ ଶିଳ୍ପ ସଂସ୍ଥା, ବନ୍ଦର ଓ ସର୍ବସାଧାରଣ ପାନୀୟଜଳ ଭାବେ ବ୍ୟବହାର କରୁଛନ୍ତି। ଗତ ବର୍ଷକ ମଧ୍ୟରେ ପାଣିର ମାନ ପରିବର୍ତ୍ତନ ପାଇଁ ସେପରି କୌଣସି ପଦକ୍ଷେପ ନେଇନାହିଁ ମହାନଦୀ ସାଉଥ୍ ଡିଭିଜନ କିମ୍ବା ଜଳ ସମ୍ପଦ ବିଭାଗ। ଏବେ ସେହି କେନାଲରେ ପୂର୍ବାପେକ୍ଷା ଅଧିକ ମାତ୍ରାରେ ବର୍ଜ୍ୟବସ୍ତୁ ମିଶୁଛି। ବିଭିନ୍ନ ପ୍ରକାର ଗାଡି ମୋଟର ସେହି ପାଣିରେ ଧୁଆଯାଉଛି। ଲୋକେ ଶୌଚ ସ୍ନାନ କରୁଛନ୍ତି। ବୁଲା ଗୋରୁ, ପକ୍ଷୀ ମରି ସେହି କେନାଲରେ ଭାସୁଛନ୍ତି। ସେହି ପାଣିକୁ ବ୍ୟବହାର କରୁଥିବା ଲୋକଙ୍କ ମଧ୍ୟରେ ରୋଗ ବ୍ୟାପିବାରେ ଲାଗିଛି। ବିଶେଷ କରି ପାରାଦୀପରେ ସିଂହଭାଗ ଲୋକଙ୍କୁ ଚର୍ମରୋଗ ବ୍ୟାପିଛି ବୋଲି ବନ୍ଦର ଚିକିତ୍ସାଳୟ ଓ ବିଜୁ ମେମୋରିଆଲ ହସ୍ପିଟାଲ ପକ୍ଷରୁ ସୂଚନା ମିଳିଛି। ଅବଶ୍ୟ ପାରାଦୀପ ବନ୍ଦର ଓ ଶିଳ୍ପସଂସ୍ଥାଗୁଡିକ ସେହି ପାଣିକୁ ଶୋଧନ କରିବା ପରେ ବ୍ୟବହାର ପାଇଁ ଯୋଗାଉଛନ୍ତି। ସେହି ଶୋଧନ ପ୍ରକ୍ରିୟା ଠିକା ସଂସ୍ଥା ଦ୍ୱାରା କରାଯାଉଛି। ତେବେ ଏହି ସଂସ୍ଥା ଠିକ୍ ଭାବେ ଜଳ ଶୋଧନ କରୁନାହିଁ। ଶୋଧନ ପାଇଁ ଆବଶ୍ୟକ ଔଷଧ, ବ୍ଲିଚିଂ ଆଦି ଦ୍ରବ୍ୟର ମାନ ଓ ଗୁଣବତ୍ତା ଠିକ୍ ରହୁନାହିଁ। ତାଳଦଣ୍ଡା କେନାଲର ୬ଟି ସ୍ଥାନରେ ପାଣି ସଂଗ୍ରହ କରାଯାଇ ବୋର୍ଡ ପକ୍ଷରୁ ରିପୋର୍ଟ ଦିଆଯାଇଛି। ସେଗୁଡିକ ହେଲା କଟକର ଜୋବ୍ରା, ରାଣୀହାଟ, ଛତ୍ରବଜାର, ନୂଆବଜାର, ବିରିବାଟି ଓ ପାରାଦୀପର ଅଠରବାଙ୍କୀ। ପାଣି ଟିସି (ଟୋଟାଲ କେମିକାଲ) ଓ ଏଫ୍‌ସି (ଫେକାଲ କେମିକାଲ) ମାନ ଅଧିକ ମାତ୍ରାରେ ରହୁଥିବା ରିପୋର୍ଟରେ ଦର୍ଶାଯାଇଛି। ଟିସି ପ୍ରଦୂଷଣ ହେଲା ମେଡିକାଲରୁ ବାହାରୁଥିବା ବର୍ଜବସ୍ତୁ, ରକ୍ତ, ମଳ ଓ ମୂତ୍ର ଆଦି। ସେହିପରି ଏଫ୍‌ସି ପ୍ରଦୂଷଣ ହେଲା ମୃତଦେହ, ମୂଳ, ଜୀବଜନ୍ତୁଙ୍କ ଲୋମ, ଗାଡିରୁ ନିର୍ଗତ ତୈଳାକ୍ତ ବର୍ଜ୍ୟ, ବିଭିନ୍ନ ସ୍ଥାନରୁ ମିଶୁଥିବା ଅପରିଷ୍କାର ଜଳ। ତାଳଦଣ୍ଡା କେନାଲରେ କଟକରୁ ପାରାଦୀପ ପର୍ଯ୍ୟନ୍ତ ସବୁବେଳେ ଏସବୁ ବର୍ଜ୍ୟ ମିଶୁଛି।

ଏପରିକି ଯେଉଁ ସ୍ଥାନରେ କେନାଲରୁ ପାଇପ ଯୋଗେ ବନ୍ଦର ଜଳାଶୟକୁ ପାଣି ଉଠାଯାଉଛି, ସେଠାରେ ସବୁବେଳେ ଲୋକେ ଗାଧୋଇବା ସହ ଗାଡି ଧୋଉଛନ୍ତି। ପାଖରେ ଥିବା ଉଠା ହୋଟେଲର ବିଭିନ୍ନ ଖାଦ୍ୟ ଓ ପରିବା ଚୋପା, ମାଛ ଓ ମାଂସ ସେଠାରେ ପକାଯାଏ। ଅପରପାର୍ଶ୍ୱରେ ଶୁଖୁଆ ପାଇଁ ଲୋକେ ପାଣି ନିଅନ୍ତି। କେମିକାଲ ଯୁକ୍ତ ମାଛକୁ ସେଠାରେ ଧୁଆଯାଏ। ଅଧିକାଂଶ ସମୟରେ କେନାଲରେ ପାଣି ଶୁଖିଯାଏ। ଯେତେବେଳେ ଜଳ ସଙ୍କଟ ହୁଏ, ସେତେବେଳେ ପୁଣି ଜୋବ୍ରା ଆନିକଟରୁ କେନାଲକୁ ପାଣି ଛଡ଼ାଯାଏ। ସେହି ପାଣି ସରିବାକୁ ପ୍ରାୟ ୧୫ ଦିନ ଲାଗେ। ଏଭଳି ଭାବେ କେନାଲରେ ନଭେମ୍ବରରୁ ଜୁଲାଇ ପର୍ଯ୍ୟନ୍ତ ଜଳ ଯୋଗାଣ ହୁଏ। ପାଣି ସଙ୍କଟ ଥିବାରୁ ଦୂଷିତ ପାଣି ସମୁଦ୍ରକୁ ଛଡ଼ାଯାଏ ନାହିଁ। ପୂର୍ବରୁ ପାଣି ପର୍ଯ୍ୟାପ୍ତ ଥିବାବେଳେ କେନାଲ ପାଣିକୁ ଅଠରବାଙ୍କୀ ଲକ୍‌ରେ କିଛି ମାତ୍ରାରେ ଛଡ଼ାଯାଉଥିଲା। ଏହା ଦ୍ୱାରା ଦୂଷିତ ପାଣି ସମୁଦ୍ରକୁ ଚାଲିଯାଉଥିଲା। ଏବେ ସେହି ଲକ୍ ଆଉ ଖୋଲାଯାଉନାହିଁ। ସମସ୍ତେ କେନାଲ ଜଳ ପ୍ରଦୂଷଣ ସମ୍ପର୍କରେ ଜାଣି ମଧ୍ୟ ନୀରବ ରହୁଛନ୍ତି ଓ ଜନସାଧାରଣ ଜହର ପିଉଥିବା ଦେଖୁଛନ୍ତି।

# ୩୨ ବୁଥ୍ ସମ୍ବେଦନଶୀଳ, ୯ ଅତି ସମ୍ବେଦନଶୀଳ

**ରଘୁନାଥପୁର,୧୮।୩(ଡି.ଏନ୍.ଏ.)**

ରଘୁନାଥପୁର ବ୍ଲକ ଅଞ୍ଚଳରେ ୭୫ଟି ବୁଥ୍‌ରେ ୬୭ହଜାର ୬୩୬ଜଣ ଭୋଟର ମତ ସାବ୍ୟସ୍ତ କରିବେ। ଚଳିତବର୍ଷ ୨ହଜାର ୬୧୮ଜଣ ନୂତନ ଭୋଟର ମତଦାନ କରିବେ। ୭୫ଟି ବୁଥ୍ ମଧ୍ୟରୁ ୩୨ଟି ସମ୍ବେଦନଶୀଳ ହୋଇଥିବା ବେଳେ ୯ଟି ଅତି ସମ୍ବେଦନଶୀଳ ରହିଥିବା ଜିପିଓ ଧନେଶ୍ୱର କିଶାନ ପ୍ରକାଶ କରିଛନ୍ତି। ସମ୍ପୂର୍ଣ୍ଣ ବୁଥକୁ ୮ଟି ସେକ୍ଟରରେ ବିଭକ୍ତ କରାଯାଇଛି। ପ୍ରତି ସେକ୍ଟରରେ ଜଣେ ଜଣେ ଅଧିକାରୀ ଦାୟିତ୍ୱରେ ରହିଥିବା ବେଳେ ଏମାନଙ୍କ ସହ ପୋଲିସ ଅଧିକାରୀ ରହିଛନ୍ତି। ବ୍ଲକ ହେଡକ୍ୱାଟରଠାରୁ ୧୦କି.ମି. ବ୍ୟବଧାନ ମଧ୍ୟରେ ୪୯ଟି ବୁଥ୍‌ରେ ମହିଳା କର୍ମଚାରୀଙ୍କୁ ପୁଲିଂ କାର୍ଯ୍ୟରେ ନିୟୋଜିତ କରାଯାଇଛି। ଉକ୍ତ ମହିଳା କର୍ମଚାରୀମାନେ ସିଧାସଳଖ ପୁଲିଂ ପାର୍ଟିଙ୍କ ସହ ବୁଥ୍‌କ ନଯାଇ ବ୍ଲକ ନିକଟସ୍ଥ ପୂର୍ଣ୍ଣଚନ୍ଦ୍ର ବିଦ୍ୟାମନ୍ଦିରରେ ବିଡିଓଙ୍କ ତତ୍ତ୍ୱାବଧାନରେ ଅବସ୍ଥାନ କରିବେ। ଭୋଟ୍ ଗ୍ରହଣ ହେବା ଦିନର ପୂର୍ବରୁ ଉକ୍ତ ମହିଳା କର୍ମଚାରୀଙ୍କୁ ବୁଥ୍‌ରେ ପହଞ୍ଚିବାର ବ୍ୟବସ୍ଥା କରାଯିବ ବୋଲି ଜିପିଓ କିଶାନ କହିଛନ୍ତି। ଭୋଟଗ୍ରହଣ କେନ୍ଦ୍ରକୁ ଆସିପାରୁ ନ ଥିବା ଭିନ୍ନକ୍ଷମଙ୍କ ପାଇଁ ସୁଗମ ଭେଇକିଲର ବ୍ୟବସ୍ଥା କରାଯାଇଛି। ଏମାନଙ୍କୁ ନେବାଆଣିବା ପାଇଁ ଭୋଟର ହୋଇ ନ ଥିବା ଏନ୍‌ସିସି କ୍ୟାଡେଟ, ସ୍ୱେଚ୍ଛାସେବୀ ଓ ବିଭିନ୍ନ ବିଦ୍ୟାଳୟର ଛାତ୍ରଙ୍କୁ ନିୟୋଜିତ କରାଯାଇଛି।

# ହରିହରାନନ୍ଦ ଧ୍ୟାନ ମନ୍ଦିର ବାର୍ଷିକ ଉତ୍ସବ




ବାର୍ଷିକ ଉତ୍ସବରେ ଉପସ୍ଥିତ ସାଧୁସନ୍ଥ।

**ନାଉଗାଁ,୧୮।୩(ସ୍ୱ.ପ୍ର.)**

ନାଉଗାଁ ବ୍ଲକ ହରିହରାନନ୍ଦ ଧ୍ୟାନ ମନ୍ଦିରର ୧୦ମ ବାର୍ଷିକ ଉତ୍ସବ ସୋମବାର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗୋଠଦା ମଠାଧୀଶ ମହନ୍ତ ଚିନ୍ତାମଣୀ ପର୍ବତ ଗୋସ୍ୱାମୀଙ୍କ ପୌରୋହିତ୍ୟରେ ଏକ ସନ୍ଥ ସମ୍ମିଳନୀ ହୋଇଥିଲା। ଏଥିରେ ହରିହରାନନ୍ଦ ଗୁରୁକୁଳମ ବାଲିଘାଇ ପୁରୀର ଆନ୍ତର୍ଜାତିକ କ୍ରିୟା ଯୋଗୀ ପରମହଂସ ପ୍ରଜ୍ଞାନନ୍ଦ ମହାରାଜ, ସମର୍ପଣାନନ୍ଦଜୀ, ଗୁରୁକୃପା କୁଟୀରର ବାବା ସତ୍ୟାନନ୍ଦ ଦାସ ମହାରାଜ, ଅଲଣାହାଟ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶାରଦା ପ୍ରସାଦ ମିଶ୍ର ପ୍ରମୁଖ ଯୋଗଦେଇ କହିଲେ ଯେ ଗୁରୁ ବିନା ତିଷ୍ଠିବା ଅସମ୍ଭବ। ଗୁରୁ ଶିଷ୍ୟ ସମ୍ପର୍କ ପବିତ୍ର। ଗୁରୁଙ୍କ ବାଣୀ ଶିଷ୍ୟ ପାଇଁ ଅମୃତ ମୟ। ମଣିଷ ନିଜକୁ ଆଧାତ୍ମିକ ମାର୍ଗରେ ପରିଚାଳିତ କଲେ ମାନବ ଜୀବନ ଧନ୍ୟ ହୋଇଥାଏ ବୋଲି ସନ୍ଥମାନେ ମତବ୍ୟକ୍ତ କରିଥିଲେ।

# ବିଶ୍ୱାଳିକୁ ବୀମା ଗ୍ରାମ ଘୋଷଣା କଲା ଏଲ୍‌ଆଇସି




କାର୍ଯ୍ୟକ୍ରମରେ ଉପସ୍ଥିତ ଏଲଆଇସିର ଅଧିକାରୀ ଓ ଅନ୍ୟମାନେ।

**କୁଜଙ୍ଗ,୧୮।୩(ସ୍ୱ.ପ୍ର.)**

କୁଜଙ୍ଗ ବ୍ଲକ୍‌ର ବିଶ୍ୱାଳିକୁ ବୀମା ଗ୍ରାମ ଘୋଷିତ କରାଯାଇଛି। ଏହି ଅବସରରେ ବୀମା ଗ୍ରାମ୍ୟ କମିଟି ସଭାପତି ମାନଭଞ୍ଜନ ମଲ୍ଲଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ଏଲ୍‌ଆଇସିର ପାରାଦୀପ ଶାଖା ପରିଚାଳକ ବିଜୟ କୁମାର ପୁଣ୍ଡା ଯୋଗଦେଇ ବୀମା ଅଭିକର୍ତ୍ତା ସୁମନ୍ତ ରଣାଙ୍କ ମହନୀୟ ଉଦ୍ୟମକୁ ଉଚ୍ଚ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ବିଶ୍ୱାଳି ସରପଞ୍ଚ ସୁପ୍ରଭା ସାହୁ, ଏଲ୍‌ଆଇସିର ସହ ଶାଖା ପରିଚାକଳ ଗୌରାଙ୍ଗ ପାତ୍ର, ଇନ୍ଦୁମତୀ ସ୍ୱାଇଁ, ଘନଶ୍ୟାମ ସାହୁ, ବିଶ୍ୱାଳି ସମିତିସଭ୍ୟ ରଞ୍ଜନ ସେଠୀ, ଶିକ୍ଷାବିତ୍ ବସନ୍ତ ସାମଲ, ସଞ୍ଜୟ ସ୍ୱାଇଁ ପ୍ରମୁଖ ଯୋଗଦେଇ ଜୀବନ ବୀମାର ଉଦ୍ଦେଶ୍ୟ ଓ ଆବଶ୍ୟକତା ସମ୍ପର୍କରେ କହିଥିଲେ। ଏଲ୍‌ଆଇସି ପାରାଦୀପ ଶାଖା ପକ୍ଷରୁ ଏହି ଗ୍ରାମକୁ ବୀମା ଗ୍ରାମ ଘୋଷଣା କରାଯାଇଥିବାରୁ କୃତଜ୍ଞତା ଜଣାଇଥିଲେ।

### ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଆବିର୍ଭାବ ଉତ୍ସବ

**ରାହାମା,୧୮।୩(ଡି.ଏନ୍.ଏ.)**

ସାଇଲୋ ପଞ୍ଚାୟତ ଅଧୀନ ରାଇଗଣ ଗଙ୍ଗାଧରପୁର ସତ୍‌ସଙ୍ଗ ଉପାସନା କେନ୍ଦ୍ର ପକ୍ଷରୁ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୧ତମ ଆବିର୍ଭାବ ଉତ୍ସବ ପାଳିତ ହୋଇଛି। ଧର୍ମସଭାରେ ମତଗଜପୁର ସତ୍‌ସଙ୍ଗ ବିହାରର ସମ୍ପାଦକ ରତ୍ନାକର ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟ ଆଲୋଚକ ଭାବେ ରାଜେଶ ଖଣ୍ଡେଲଓ୍ୱାଲ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପିସିସି ସଭ୍ୟ ଅରିନ୍ଦମ ସର୍ଖେଲ, ସହ ପ୍ରତିରତିକ ଶାରଦା ପ୍ରସନ୍ନ ଦାଶ, ପଣ୍ଡିତ ହୃଷିକେଶ ଆଚାର୍ଯ୍ୟ, ସୁରେନ୍ଦ୍ରନାଥ ଷଡ଼ଙ୍ଗୀ, ଅକ୍ଷୟ କୁମାର ପାଳ, ନିରୋଦ ଆଚାର୍ଯ୍ୟ, ନିତ୍ୟାନନ୍ଦ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସ୍ଥାନୀୟ କର୍ମୀ ବାବାଜୀ ଚରଣ ସେଠୀଙ୍କ ସମେତ ଭାଇ ଓ ମା’ମାନେ ପରିଚାଳନା କରିଥିଲେ।

### କ୍ଷେତ୍ର ଆଇଡିଆଲ ପବ୍ଲିକ ସ୍କୁଲ ଶିକ୍ଷା ଖର୍ଚ୍ଚ ପ୍ରସଙ୍ଗ

# ଉଚ୍ଚ କର୍ତ୍ତୃପକ୍ଷଙ୍କ ପ୍ରତିଶ୍ରୁତି ପରେ ଘେରାଉ ସ୍ଥଗିତ

**ରଘୁନାଥପୁର,୧୮।୩(ଡି.ଏନ୍.ଏ.)**

ଆର୍ଥିକ ଅନଗ୍ରସର ଛାତ୍ରୀଛାତ୍ରଙ୍କ ୨୫ପ୍ରତିଶତ ଶିକ୍ଷା ଖର୍ଚ୍ଚ ମିଳିବା ନେଇ ଆଇଡିଆଲ ପବ୍ଲିକ ସ୍କୁଲ ଅଭିଭାବକଙ୍କ ପକ୍ଷରୁ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଚାଲିଥିବା ଧାରଣା ପ୍ରତ୍ୟାହୃତ ହେବା ସହ ସୋମବାର ଘେରାଉକୁ ସ୍ଥଗିତ ରଖାଯାଇଛି। କମିଟି ଭାଇସ ଚେୟାରମ୍ୟାନ ରୁପେନ୍ଦ୍ର ମିଶ୍ର କୁହନ୍ତି, ଶନିବାର ଓ ରବିବାର ରାତି ପର୍ଯ୍ୟନ୍ତ ବିଇଓ, ଡିଇଓ, ତହସିଲଦାର, ଅତିରିକ୍ତ ତହସିଲଦାର ଓ ଥାନା ଅଧିକାରୀଙ୍କ ସହ ଆଲୋଚନା ପରେ ଶିକ୍ଷା ବିଭାଗ ଅଧିକାରୀଙ୍କ ପ୍ରତିଶ୍ରୁତିକୁ ଅବିଭାବକ ଗ୍ରହଣ କରିଥିଲେ। ଏହି ପ୍ରକ୍ରିୟାରେ ସମସ୍ତେ ସହଯୋଗ କରିବେ ବୋଲି ଅଧିକାରିଗଣ ପ୍ରକାଶ କରିଥିଲେ। ଅବିଭାବକମାନେ ସ୍ୱଇଚ୍ଛାରେ ଘେରାଉ କାର୍ଯ୍ୟକ୍ରମକୁ ସ୍ଥଗିତ ରଖିଛନ୍ତି ବୋଲି ମିଶ୍ର କହିଛନ୍ତି।

# ଗାଁ ରାସ୍ତା ଜବରଦଖଲ ଘଟଣା: ନ୍ୟାୟ ପାଇଁ ତହସିଲ ଘେରିଲେ ଗ୍ରାମବାସୀ

**ବାଲିକୁଦା,୧୮।୩(ସ୍ୱ.ପ୍ର.)**

ବାଲିକୁଦା ଥାନା ବାହାରଣା ପଞ୍ଚାୟତର ଗରିଆ ଗାଁରାସ୍ତାକୁ ସେହି ଗାଁର ଜଣେ ବ୍ୟକ୍ତି ଜବରଦଖଲ କରି ରଖିଥିବା ଗ୍ରାମବାସୀ ଅଭିଯୋଗ କରିଆସୁଛନ୍ତି। ମାତ୍ର ତହସିଲ ପ୍ରଶାସନ ଏହାର ସମାଧାନ କରୁନାହିଁ। ଓଲଟି ଗ୍ରାମର ୧୫ ଜଣଙ୍କ ନାମରେ ପୋଲିସ ନୋଟିସ ଜାରି କରିଛି। ଏହାର ପ୍ରତିବାଦରେ ସୋମବାର ଗାଁର ବହୁ ମହିଳା ଓ ପୁରୁଷ ବାଲିକୁଦା ତହସିଲ କାର୍ଯ୍ୟାଳୟ ଘେରାଉ କରିଛନ୍ତି। ସେମାନେ ତହସିଲ କାର୍ଯ୍ୟାଳୟ ମୁଖ୍ୟ ଫାଟକ ଆଗରେ ବସିରହିଥିଲେ। ତହସିଲଦାର ଦିପ୍ତୀରେଖା ପାତ୍ର କୋର୍ଟ କାର୍ଯ୍ୟରେ ବ୍ୟସ୍ତ ଥିବାରୁ ଓ ଆଡିସ୍‌ନାଲ ତହସିଲଦାର ଦ୍ୱୟ ନିର୍ବାଚନ କାର୍ଯ୍ୟରେ ବ୍ୟସ୍ତଥିବାରୁ ଧାରଣାରତ ଗ୍ରାମବାସୀଙ୍କ ନିକଟରେ ପହଞ୍ଚି ପାରି ନ ଥିଲେ। ଦୀର୍ଘ ଘଣ୍ଟାର ଧାରଣା ପରେ ବାଧହୋଇ ପୂର୍ବତନ ସରପଞ୍ଚ ଶରତ ମହାନ୍ତିଙ୍କ ନେତୃତ୍ୱରେ ୪ ଜଣିଆ ପ୍ରତିନିଧି ମଣ୍ଡଳି ଜଗତସିଂହପୁରର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ନିଜର ଗୁହାରି ଜଣାଇଥିଲେ। ଉପଜିଲ୍ଲାପାଳ ମହେନ୍ଦ୍ର ପ୍ରସାଦ ମହାନ୍ତିଙ୍କୁ ସେମାନେ ଦାବିପତ୍ର ପ୍ରଦାନ କରିଥିଲେ। ସେଠାରୁ ସମସ୍ୟାର ସମାଧାନ କରାଯିବାର ପ୍ରତିଶ୍ରୁତି ପାଇବା ପରେ ତହସିଲ କାର୍ଯ୍ୟାଳୟ ସମ୍ମୁଖରୁ ଧାରଣା ପ୍ରତ୍ୟାହୃତ ହୋଇଥିଲା। ସୂଚନାଯୋଗ୍ୟ, ଗରିଆ ଗାଁ ରାସ୍ତାକୁ ବେଆଇନ ଭାବେ ଦଖଲ କରି ଜଣେ ବ୍ୟକ୍ତି ଏକ ଘର କରିଥିଛନ୍ତି। ଗାଁର ପ୍ରବେଶ ମୁଣ୍ଡ ରାସ୍ତାରେ ନିଜର ବ୍ୟକ୍ତିଗତ ଜାଗା ଥିବା କହି ସେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ନିର୍ମାଣରେ ବାଧା ସୃଷ୍ଟି କରିଥିଲେ। ଗ୍ରାମବାସୀଙ୍କ ପକ୍ଷରୁ ରାସ୍ତା ମାପ କରାଯିବା ପରେ ମଧ୍ୟ ସେ ଏହାକୁ ଗ୍ରହଣ କରି ନ ଥିଲେ। ପରେ ତହସିଲ ପକ୍ଷରୁ ମାପ କରାଯାଇଥିଲା। ଏହାକୁ ମଧ୍ୟ ସମ୍ପୃକ୍ତ ବ୍ୟକ୍ତି ମାନି ନ ଥିଲେ। ଗତ ୧୫ ତାରିଖରେ ଲୋକେ ଗାଁ ମୁଣ୍ଡରେ ରାସ୍ତାରୋକୋ କରିଥିଲେ। ବାଲିକୁଦା ଥାନା ଏସଆଇ ଚିରଞ୍ଜୀବ ବେହେରା ପହଞ୍ଚି ଗାଁ ଲୋକଙ୍କୁ ବୁଝାଶୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ମାତ୍ର ସେହିଦିନ ରାତି ପ୍ରାୟ ସାଢେ ଦଶଟା ସମୟରେ ଥାନା ଅଧିକାରୀ ସର୍ବେଶ୍ୱର ବେହେରା ଗାଁରେ ପହଞ୍ଚିଥିଲେ। ଗାଁ ଲୋକଙ୍କ ସହ ଆଲୋଚନା ପରେ ତହସିଲଦାର ଓ ଏସଡିପିଓଙ୍କୁ ଗାଁକୁ ଆଣି ଆଜି ଘଟଣାର ସମାଧାନ କରିବାକୁ ସେ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ତାହା କରା ନ ଯାଇ ବାଲିକୁଦା ଥାନା ପକ୍ଷରୁ ଗରିଆ ଗାଁର ସରୋଜ କୁମାର ସାହୁ, ନୃସିଂହ ଚରଣ ସ୍ୱାଇଁ, ଚନ୍ଦନ ସାହୁ, ସତ୍ୟାନନ୍ଦ ଦାସ, ବିପିନ ଦାସ, ଶଙ୍କର ସାହୁ, ବାଟୁ ଦାସ, କୈଳାସ ରାଉତ, ଜ୍ଞାନ ରଞ୍ଜନ ସାହୁ, ଅନାମ ଚରଣ ଦାସ, ଶଙ୍କର ଦାସ, କୋଦମୂଳ ଗାଁର ବୀର ସେଠୀ, କ୍ଷେତ୍ରମୋହନ ବିଶ୍ୱାଳ, ସମୀର ମହାନ୍ତି, ରଞ୍ଜନ ନାୟକଙ୍କ ଭଳି ୧୫ ଜଣଙ୍କ ନାମରେ ୧୦୭ ନୋଟିସ ଜାରି କରାଯାଇଥିଲା।

# ଶିକ୍ଷକଙ୍କୁ ଅବସର ସମ୍ବର୍ଦ୍ଧନା

**କୁଜଙ୍ଗ,୧୮।୩(ସ୍ୱ.ପ୍ର.)**

ସ୍ଥାନୀୟ ନୂଆରତନପୁରସ୍ଥିତ କରୁଣାକର ସଂସ୍କୃତ ବିଦ୍ୟାଳୟର କୃତୀ ଶିକ୍ଷକ କ୍ଷୀରୋଦ କୁମାର ପରିଡାଙ୍କୁ ଅବସର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପ୍ରଧାନ ଶିକ୍ଷକ ବନବିହାରୀ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ନିଖିଳ ଉତ୍କଳ ସଂସ୍କୃତ ଆଞ୍ଚଳିକ ଶିକ୍ଷକ ସଂଘ ସଭାପତି ଶଙ୍କର୍ଷଣ ବାରିକ ମୁଖ୍ୟଅତିଥି, ସମ୍ପାଦକ ସିଦ୍ଧେଶ୍ୱର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ସଂସ୍କୃତ ବିଦ୍ୟାଳୟର ସମସ୍ୟା ଓ କୃତୀ ଶିକ୍ଷକଙ୍କ ବହୁମୁଖୀ ପ୍ରତିଭା ବିଷୟରେ ଆଲୋଚନା କରିଥିଲେ। ପ୍ରଧାନ ଶିକ୍ଷକ ସୁଧିର କୁମାର ମହାପାତ୍ର, ପ୍ରଧାନ ଶିକ୍ଷକ ରବୀନ୍ଦ୍ର ନାଥ ସାହୁ, ସିଆର୍‌ସିସି ବିଶ୍ୱରଞ୍ଜନ ଲେଙ୍କା, ଅଧ୍ୟାପକ ହେମନ୍ତ କୁମାର ମୁଦୁଲି, ଆବାହକ ମାନବ କୁମାର ଦାସ, ପ୍ରଧାନ ଶିକ୍ଷକ ମାଗୁଚରଣ ଜେନା, ପ୍ରଦୀପ କୁମାର ସ୍ୱାଇଁ, ସୁରେନ୍ଦ୍ର ପରିଡା, ଦିଲୀପ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ମେଗା ଶୋରୁମ୍ ‘ଅରଚିଡ୍ ମାର୍ଚ୍ଚ’ ଉଦ୍‌ଘାଟିତ

**ରାହାମା,୧୮।୩(ଡି.ଏନ୍.ଏ.)**

ପ୍ରମୁଖ ବ୍ୟବସାୟିକସ୍ଥଳ ରାହାମାଠାରେ ‘ଅରଚିଡ୍ ମାର୍ଚ୍ଚ’ ନାମକ ଏକ ଅତ୍ୟାଧୁନିକ ମେଗା ଶୋ’ରୁମ୍ ଖୋଲିଛି। ଏଠାରେ ବିଭିନ୍ନ ପ୍ରକାର ଇଲୋକ୍ଟ୍ରୋନିକ୍ସ ଫ୍ରିଜ୍, ଗୃହ ଉପକରଣ ଆଦି ସୁବିଧା ମୂଲ୍ୟରେ ମିଳିବ ବୋଲି ଏହାର ପରିଚାଳକ ମହମ୍ମଦ ଯମିଲ ପ୍ରକାଶ କରିଛନ୍ତି। ସିନେ ତାରକା ଅର୍ଚ୍ଚିତା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଶୋରୁମ୍ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅରଚିଡ୍ ମାର୍ଚ୍ଚର ସଦସ୍ୟ ବସନ୍ତମିଶ୍ର, ଅଫ୍‌ତାବ ଥଲାମ, ସୁମନ୍ତ ସାହୁ ପ୍ରମୁଖ ଯୋଗ ଦେଇଥିଲେ।



ସିନେ ତାରକା ଅର୍ଚ୍ଚିତା ସାହୁ ଶୋ’ରୁମ୍ ଉଦ୍‌ଘାଟନ କରୁଛନ୍ତି।

### ସରକାରୀ ନିର୍ଦ୍ଦେଶ ମାନୁ ନାହାନ୍ତି ଶିକ୍ଷକ

# ପରୀକ୍ଷା ସରିବା ମାତ୍ରେ ବିଦ୍ୟାଳୟରେ ତାଲା

**ନାଉଗାଁ,୧୮।୩(ସ୍ୱ.ପ୍ର.)**

- ପରୀକ୍ଷା ପରେ ୨ ଘଣ୍ଟା ବିଦ୍ୟାଳୟ ଖୋଲା ରଖିବାକୁ ରହିଛି ନିର୍ଦ୍ଦେଶ
- ମାନୁନାହାନ୍ତି ଅଧିକାଂଶ ବିଦ୍ୟାଳୟ

ଦୀର୍ଘଦିନ ହେଲାନାଉଗାଁରେ ସ୍ଥାୟୀ ବ୍ଲକ ଶିକ୍ଷା ଅଧିକାରୀ ନ ଥିବାରୁ ଶିକ୍ଷକମାନେ ମନଇଚ୍ଛା କାର୍ଯ୍ୟ କରୁଥିବା ଦେଖିବାକୁ ମିଳୁଛି। ଗୋଟିଏ ପଟେ ଗତ ୧୫ ତାରିଖରୁ ଶିକ୍ଷକମାନଙ୍କୁ ଉଜ୍ଜ୍ୱଳ ଓ ଉତ୍‌ଥାନ ତାଲିମ ପ୍ରଦାନ କରାଯାଉଥିବାବେଳେ ଅନ୍ୟପଟେ ବିଦ୍ୟାଳୟରେ ୧ମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ବାର୍ଷିକ ପରୀକ୍ଷା ଚାଲିଛି। ସରକାରଙ୍କ ନିୟମାନୁସାରେ ପରୀକ୍ଷା ସକାଳ ୭.୩୦ ରୁ ୧୦.୩୦ ପର୍ଯ୍ୟନ୍ତ ଚାଲୁ ରହିବ। ପରୀକ୍ଷା ସରିବା ପରେ ଶିକ୍ଷକମାନେ ୧୨.୩୦ ପର୍ଯ୍ୟନ୍ତ ବିଦ୍ୟାଳୟ ଖୋଲା ରଖିବା ସହିତ ବିଦ୍ୟାଳୟରେ ଉପସ୍ଥିତ ରହିବେ। ଉଜ୍ଜ୍ୱଳ ତାଲିମ ନାଉଗାଁହାଟ ଉଚ୍ଚ ବିଦ୍ୟାଳୟରେ ଚାଲୁଥିବାବେଳେ ଉତ୍‌ଥାନ ତାଲିମ ଅଙ୍ଗେଶ୍ୱରପଡ଼ା ଉଚ୍ଚ ବିଦ୍ୟାଳୟରେ ଚାଲୁଛି। ତାଲିମ ନେବାକୁ ଅଧିକାଂଶ ବିଦ୍ୟାଳୟରୁ ଜଣେ ଲେଖାଁଏ ଶିକ୍ଷକ ଆସିଥିବା ବେଳେ ଆଉ ଜଣେ ଲେଖାଁଏ ଶିକ୍ଷକ ପରୀକ୍ଷା ପରିଚାଳନା କରୁଛନ୍ତି। ତାଲିମ ସମୟରେ ବିଦ୍ୟାଳୟ ପରିଦର୍ଶନରେ ବ୍ଲକ ଶିକ୍ଷା ଅଧିକାରୀ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଓ ବିଭିନ୍ନ କ୍ଲଷ୍ଟରର ସିଆରସିସିମାନେ ତଦାରଖରେ ଯାଉନାହାନ୍ତି। ଏହାର ସୁଯୋଗ ନେଇ ପରୀକ୍ଷା ପରିଚାଳନା କରୁଥିବା ଅଧିକାଂଶ ଶିକ୍ଷକ ପରୀକ୍ଷା ସରିବା ମାତ୍ରେ ପୂର୍ବାହ୍ନ ୧୦.୩୦ରେ ବିଦ୍ୟାଳୟରେ ତାଲା ପକାଇ ପଳାଉଛନ୍ତି। ଏପରି କି ବ୍ଲକ ମୁଖ୍ୟାଳୟରୁ ମାତ୍ର ୫ ଶହ ମିଟର କିମ୍ବା ୧ କିମି ଦୂରରେ ଥିବା ବିଦ୍ୟାଳୟରେ ଶିକ୍ଷକମାନେ ଏଭଳି ମନମୁଖୀ କାର୍ଯ୍ୟ ଚଳାଇଛନ୍ତି। ସରକାରୀ ନିୟମକୁ ଖୋଲା ଉଲ୍ଲଂଘନ କରାଯାଉଥିଲେ ମଧ୍ୟ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ସବୁ କାର୍ଯ୍ୟ ମନଇଚ୍ଛା ଚାଲିଛି। ମଧ୍ୟାହ୍ନ ଭୋଜନଠାରୁ ଆରମ୍ଭ କରି ବିଭିନ୍ନ ତାଲିମ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ବ୍ୟାପକ ତ୍ରୁଟି ପରିଲକ୍ଷିତ ହେଉଛି। ବାଲିକୁଦା ବ୍ଲକ ଶିକ୍ଷା ଅଧିକାରୀ ଗଣେଶ୍ୱର ସେଠୀଙ୍କୁ ନାଉଗାଁ ବ୍ଲକ ଶିକ୍ଷା ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସେ ଅଧିକାଂଶ ସମୟ ବାଲିକୁଦାରେ ରହୁଛନ୍ତି। ସେହିପରି ନାଉଗାଁରେ ସିଆରସିସି ଓ ଏବିଇଓ ଠିକ ଭାବେ ବିଦ୍ୟାଳୟ ପରିଦର୍ଶନ କରୁ ନାହାନ୍ତି। ଏହାର ସୁଯୋଗ ନେଇ ଶିକ୍ଷକମାନେ ମନମୁଖୀ କାର୍ଯ୍ୟ ଚଳାଇଛନ୍ତି। ଏ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ ସେଠୀଙ୍କ ସହ ଯୋଗାଯୋଗ ହୋଇପାରିନାହିଁ। ତେବେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ବାଇଧର ତ୍ରୀପାଠୀ କହିଛନ୍ତି ଯେ, ପରୀକ୍ଷା ପରେ ପ୍ରାୟତଃ ବିଦ୍ୟାଳୟଗୁଡିକ ଖୋଲା ରହୁଛି। ଯଦି କୌଣସି ବିଦ୍ୟାଳୟ ନିର୍ଦ୍ଧାରିତ ସମୟ ପୂର୍ବରୁ ବନ୍ଦ ହେଉଥାଏ, ତେବେ ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ସଂକ୍ଷେପରେ

### ଖାନନଗରରେ ୭୭ତମ ମହିମା ମହୋତ୍ସବ



**ଡେରାବିଶ, ୧୮।୩ (ସ୍ୱ.ପ୍ର.):** ଡେରାବିଶ ବ୍ଲକ ଯଅଁରାବାରିମୂଳ ପଞ୍ଚାୟତ ଖାନନଗରସ୍ଥିତ ସିଦ୍ଧ ମନୋହର ବାବା ଓ ତାରକଚନ୍ଦ୍ର ବାବାଙ୍କ ପୀଠରେ ୭୭ତମ ବାର୍ଷିକ ମହିମା ମହୋତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଫଗୁ ଦଶମୀ ଅବସରରେ ଅନୁଷ୍ଠିତ ଏହି ମହୋତ୍ସବ ଦେଖିବାକୁ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ହଜାର ହଜାର ମହିମା ଧର୍ମାବଲମ୍ବୀ ଯୋଗଦେଇଥିଲେ। ଏହି ଅବସରରେ ବ୍ରହ୍ମ ଅବଧୂତ ଶଙ୍କର୍ଷଣ ବାବା ଓ କିଶୋର ଚନ୍ଦ୍ର ବାବାଙ୍କ ପୌରହିତ୍ୟରେ ସେହି ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ସାଧୁ ବାବା କାଶୀନାଥ ଦାସ, ସାଧୁ ତରଣୀ ଦାସ, ଅନାଦି ଦାସ, ସଚ୍ଚିଦାନନ୍ଦ ଦାସ, ଦିବାକର ଦାସ, ମାନସ ଦାସ ଓ ବୈରାଗୀ ଦାସ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସାଧୁ ବାବାମାନେ ସିଦ୍ଧ ମନୋହର ବାବା ଓ ତାରକଚନ୍ଦ୍ର ବାବାଙ୍କ ଜୀବନାଦର୍ଶ ଓ ମହିମା ଧର୍ମ ଆଶୀର୍ବଚନ ପ୍ରଦାନ କରିଥିଲେ। ବ୍ରହ୍ମ ଅବଧୂତ କିଶୋର ଚନ୍ଦ୍ର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସାମାଜିକ କର୍ମୀ ସୁଖଦାନନ୍ଦ ପ୍ରଧାନ, ରଜତ ବଳ, ହରିଅଙ୍କ ସମିତିସଭ୍ୟ ରଘୁନାଥ ଶତପଥୀ ପରିଚାଳନାରେ ସହଯୋଗ କରିଥିଲେ।

### ୧୯୯୬ ଡିଗ୍ରୀ ବ୍ୟାଚ୍ ବନ୍ଧୁମିଳନ

**ଡେରାବିଶ, ୧୮।୩ (ସ୍ୱ.ପ୍ର.):** ଡେରାବିଶ ବ୍ଲକ ଚାନ୍ଦୋଳସ୍ଥିତ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟର ୧୯୯୬ ଡିଗ୍ରୀ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ରବିବାର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ମହାବିଦ୍ୟାଳୟ ଅଧ୍ୟକ୍ଷ ମଦନ ମୋହନ ଜେନା, ଅଧ୍ୟାପକ ଅବନୀ ରଞ୍ଜନ ନାୟକ, ବିନୟ କୁମାର ଷଡ଼ଙ୍ଗୀ, ସୌଭାଗ୍ୟ କୁମାର ପ୍ରଧାନ ଏବଂ ଅବସରପ୍ରାପ୍ତ ଅଧ୍ୟାପକ ସଞ୍ଜୟ କୁମାର ବରାଳ, ସରୋଜକାନ୍ତ ଭଦ୍ରଙ୍କୁ ପୁରାତନ ଛାତ୍ରୀଛାତ୍ରଙ୍କ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ମହାବିଦ୍ୟାଳୟରେ ବିଭିନ୍ନ ଉନ୍ନତୀକରଣ କାର୍ଯ୍ୟ ପାଇଁ ପୁରାତନ ଛାତ୍ରୀଛାତ୍ରଙ୍କ ପକ୍ଷରୁ ସ୍ଥିର କରାଯାଇଥିଲା। ରୂପକ କୁମାର ବିହାରୀ, ବିଶ୍ୱରଞ୍ଜନ ଜେନା, ହେମନ୍ତ କୁମାର ସାହୁ, ଅନନ୍ତ କୁମାର ସ୍ୱାଇଁ, ଦିଲ୍ଲୀପ କୁମାର ମହାନ୍ତି, ସନ୍ତୋଷ କୁମାର ବାରିକ, ରଶ୍ମିତା ବଳ, ପ୍ରଭାତ କୁମାର ସାହୁ, ଅନନ୍ତ କୁମାର ଦାସ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।



■ ସମାଧାନ ହେଉନି ଆଞ୍ଚଳିକ ସମସ୍ୟା

# ନୋଟାକୁ ଯାଉଛି ଅଧିକ ଭୋଟ

**କେନ୍ଦ୍ରାପଡା ଅଫିସ, ୧୮।୩**

**କେନ୍ଦ୍ରାପଡ଼ା ଲୋକସଭା ନିର୍ବାଚନମଣ୍ଡଳୀ**

■ ନୋଟା ଭୋଟ ଅନୁଧ୍ୟାନ କରାଯାଇ ସମସ୍ୟା ସମାଧାନ କରାଯିବା ଆବଶ୍ୟକ

■ ୩୩%ରୁ ଅଧିକ ନୋଟା ଭୋଟ ହେଲେ ପୁନର୍ବାର ନିର୍ବାଚନ କରାଯାଉ

୨୦୧୪ ସାଧାରଣ ନିର୍ବାଚନରେ କେନ୍ଦ୍ରାପଡା ଜିଲାରେ ନୋଟା (ନନ୍ ଅଫ ଦି ଏବଭ) ବଟନ ବହୁଳ ସଂଖ୍ୟାରେ ବ୍ୟବହାର ହୋଇଛି। ବିଏସ୍‌ପି, ଏଏପି(ଆପ୍) ଓ ସ୍ୱାଧୀନ ଏମ୍‌ପି ପ୍ରାର୍ଥୀ ନୋଟାଠାରୁ କମ୍ ସଂଖ୍ୟାରେ ଭୋଟ ପାଇଥିଲେ। ସେହିପରି ବିଧାନସଭା ପାଇଁ ପ୍ରାର୍ଥୀଙ୍କଠାରୁ ନୋଟାକୁ ଅଧିକ ଭୋଟ ଯାଇଥିଲା। କେନ୍ଦ୍ରାପଡ଼ା ଜିଲାବାସୀ ଅନେକ ବର୍ଷ ଧରି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ରାଜନେତା ଓ ପ୍ରଶାସକଙ୍କ ଦୃଷ୍ଟିକୁ ବାରମ୍ବାର ଅଞ୍ଚଳବାସୀ ଆଣୁଥିଲେ ମଧ୍ୟ ସମସ୍ୟାର ସମାଧାନ ହେଉନାହିଁ। ଏହାର ପ୍ରତିଫଳନ ନୋଟା ଭୋଟରେ ଦେଖିବାକୁ ମିଳୁଥିବା ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି। ନୋଟା ଏକ ରାଜନୈତିକ ଆହ୍ୱାନ ବୋଲି ସେମାନେ ପ୍ରକାଶ କରିଛନ୍ତି।

୨୦୧୪ ଲୋକ ସଭା ନିର୍ବାଚନରେ କେନ୍ଦ୍ରାପଡାରେ ମୋଟ ୧୧,୪୦,୯୯୯ ଜଣ ମତଦାନ କରିଥିଲେ। ଏହି ମତଦାନରେ ବିଜେଡି, କଂଗ୍ରେସ ଓ ଭାଜପା ବ୍ୟତୀତ ଅନ୍ୟ କୌଣସି ପାର୍ଟି ଅଥବା ସ୍ୱାଧୀନ ପ୍ରାର୍ଥୀ ନୋଟାରୁ ଅଧିକ ଭୋଟ ପାଇ ନଥିଲେ। ନୋଟାକୁ ମୋଟ ୭,୬୧୦ ଖଣ୍ଡ ଭୋଟ ଯାଇଥିବା ବେଳେ ୨ ସ୍ୱାଧୀନ ପ୍ରାର୍ଥୀ, ବିଏସ୍‌ପି ଓ ଏଏପିକୁ ଏହାଠାରୁ କମ୍ ଭୋଟ୍ ମିଳିଥିଲା। ସେହିପରି ଜିଲାର ୫ ବିଧାନସଭା ନିର୍ବାଚନମଣ୍ଡଳୀରେ ମଧ୍ୟ ଏଭଳି ସ୍ଥିତି ଦେଖାଯାଇଥିଲା।

ଏ ସମ୍ପର୍କରେ ଆଇନଜୀବୀ ବିଧୁଭୂଷଣ ମହାପାତ୍ର କୁହନ୍ତି, ଅଧିକ ସଂଖ୍ୟକ ନୋଟା ଭୋଟ ଏକ ରାଜନୈତିକ ଆହ୍ୱାନ। ନୋଟା ଭୋଟକୁ ଗଣନା କରାଯାଉଥିଲେ ବି ଏହା ନିର୍ବାଚନୀ ପ୍ରକ୍ରିୟା ଉପରେ ପ୍ରଭାବ ପକାଇ ନ ଥାଏ। ଭାରତୀୟ ନିର୍ବାଚନରେ ଯୋଗ୍ୟ ଭୋଟର ମତଦାନ

| ୨୦୧୪ ନିର୍ବାଚନ | | |
|---|---|---|
| ନୋଟା | | ୭,୬୧୦ |
| ବିଏସ୍‌ପି | ଶେକ୍ ଫାରୁକ୍ | ୬,୧୯୨ |
| ସ୍ୱାଧୀନ ପ୍ରାର୍ଥୀ | ପ୍ରମୋଦ ସାହୁ | ୬,୧୮୫ |
| ଏଏପି | ମହମ୍ମଦ ସମିମ ଅକତର | ୬,୦୧୯ |
| ସ୍ୱାଧୀନ ପ୍ରାର୍ଥୀ | ସୁକୁମାର ମଲ୍ଲିକ | ୨,୨୧୬ |

କରିବାର ବ୍ୟବସ୍ଥା ରହିଛି। ଉପଯୁକ୍ତ ପ୍ରାର୍ଥୀ ନ ମିଳିଲେ ମତଦାତା ନୋଟାକୁ ଭୋଟ ଦେଇପାରିବେ। ଏ ସମ୍ପର୍କରେ ସାମାଜିକ କର୍ମୀ ଶ୍ରୀକାନ୍ତ ନାୟକ କୁହନ୍ତି, ଗତ ନିର୍ବାଚନରେ ଆଞ୍ଚଳିକ ସମସ୍ୟାକୁ ନେଇ କେନ୍ଦ୍ରାପଡ଼ା ଜିଲାରେ ଏପରି ସ୍ଥିତି ସୃଷ୍ଟି ହୋଇଥିଲା। ଆଳି, ରାଜନଗର, ରାଜକନିକା ଧୋୟାଅଞ୍ଚଳକୁ ରାସ୍ତା ନ ଥିବା ଦର୍ଶାଇ ସେଠାକାର ଲୋକେ ରାଜନେତାଙ୍କ ପ୍ରଚାରକୁ ବିରୋଧ କରିଥିଲେ। ପ୍ରଶାସକ, ରାଜନେତା ଓ ସାମାଜିକ କର୍ମୀଙ୍କ ଉଦ୍ୟମରେ ମତଦାନ ପାଇଁ ଗ୍ରାମବାସୀଙ୍କୁ ବୁଝା ଯାଇଥିଲା। ଏଠାରେ ସ୍ଥାନୀୟ ସମସ୍ୟା ସମାଧାନ ନ ହେଲେ ଭୋଟର ନୋଟାକୁ ଅଧିକ ପସନ୍ଦ କରିବେ ବୋଲି ମତ ଦେଇଥିଲେ। ବୁଦ୍ଧିଜୀବୀ ରାଧାକାନ୍ତ ମହାନ୍ତି କୁହନ୍ତି, ଲୋକଙ୍କ ପସନ୍ଦକୁ ଆସୁ ନଥିବା ପ୍ରାର୍ଥୀ ନୋଟାଠାରୁ କମ ଭୋଟ ପାଇଲେ ଆଗାମୀ ନିର୍ବାଚନ ପାଇଁ ସମ୍ପୃକ୍ତ ବ୍ୟକ୍ତିଙ୍କ ପ୍ରାର୍ଥିତ୍ୱ ଦାଖଲକୁ ସ୍ୱୀକାର କରା ନ ଯିବା ଦରକାର। ଆଞ୍ଚଳିକ ବା ବୁଥ୍‌ସ୍ତରରେ ନୋଟା ଭୋଟକୁ ଅନୁଧ୍ୟାନ କରାଯାଇ ସ୍ଥାନୀୟ ସମସ୍ୟାର ସମାଧାନ କରାଯିବା ଅବଶ୍ୟକ। ଗତ ସାଧାରଣ ନିର୍ବାଚନରେ ଜିଲାର ୨୫ ପ୍ରାର୍ଥୀ ନୋଟାଠାରୁ କମ ଭୋଟ ପାଇଥିଲେ। ନିଜର ଅସ୍ତିତ୍ୱ ସମ୍ପର୍କରେ ନ ଜାଣି ପ୍ରାର୍ଥୀ ହେବା ଫଳରେ ନିର୍ବାଚନ ଖର୍ଚ୍ଚବହୁଳ ହେଉଛି। ଏଣୁ ଦେଶର ସମ୍ପତ୍ତି ନଷ୍ଟ ହେଉଛି ବୋଲି ସେ ମତ ଦେଇଛନ୍ତି। ରାଜନୈତିକ ବିଶ୍ଳେଷକ ଅମରବର ବିଶ୍ୱାଳ କୁହନ୍ତି, ଇଭିଏମ୍‌ରେ ନୋଟା ବଟନର ଆବଶ୍ୟକତାକୁ ନେଇ ବିତର୍କର ଆବଶ୍ୟକତା ଅଛି। ନୋଟାଠାରୁ କମ ଭୋଟ ପାଇଥିବା ପାର୍ଟି ଓ ବ୍ୟକ୍ତିଙ୍କୁ ପରବର୍ତ୍ତୀ ନିର୍ବାଚନରେ ଅଂଶଗ୍ରହଣକୁ ରଦ୍ଦ କରିବା, ନୋଟା ଭୋଟ ୩୩ ପ୍ରତିଶତରୁ ଅଧିକ ହେଲେ ସେଠାରେ ପୁନର୍ବାର ନିର୍ବାଚନ କରାଯିବା ଆଦି ପ୍ରସଙ୍ଗ ରହିବା ଦରକାର। ଅପରପକ୍ଷରେ ଏହି ଭୋଟ ମୂଲ୍ୟହୀନ ବୋଲି ଦର୍ଶାଯାଉଥିଲେ ଏହାର ଉଚ୍ଛେଦ ହେବା ଆବଶ୍ୟକ ହୋଇଥିବା ସେ ମତ ଦେଇଛନ୍ତି।

# ଅଗ୍ନିକାଣ୍ଡରେ ଫାଟିଲା କୋଠା

■ ନଗଦ ୧୫ ହଜାର ସହ ଆସବାବପତ୍ର ଭସ୍ମୀଭୂତ

**ଡେରାବିଶ, ୧୮।୩ (ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଅଧୀନ ରଘୁଦେଇପୁର ପଞ୍ଚାୟତ କଂସାରୀପାଟଣା ଗ୍ରାମରେ ରବିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ଗଣେଶ୍ୱର ମହାପାତ୍ରଙ୍କ ବଖରାଏ କୋଠା ଫାଟିଯାଇଛି। ଅଗ୍ନିକାଣ୍ଡରେ ଘରେ ଥିବା ନଗଦ ୧୫ ହଜାର ଟଙ୍କା ସମେତ ସମସ୍ତ ଆସବାବପତ୍ର ଜଳିଯାଇଛି।

ପ୍ରକାଶ ଯେ, ଗଣେଶ୍ୱର ଓ ପରିବାର ଲୋକେ ରାତିରେ ଶୋଇଥିବା ବେଳେ କୌଣସି କାରଣରୁ ଘରେ ନିଆଁ ଲାଗିଯାଇଥିଲା। ଗ୍ରାମବାସୀଙ୍କ ଉଦ୍ୟମରେ ଲୋକମାନଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଘରେ ଥିବା ନଗଦ ଟଙ୍କା ଓ ସମସ୍ତ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି। ରାଜନଗର ରାଜସ୍ୱ ସର୍କଲ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତିର ଆକଳନ କରି ଫେରିଛନ୍ତି। ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଖବରପାଇ ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଫଳରେ କୋଠା ଘରକୁ ଲାଗି ରହିଥିବା ଚାଳ ଘରଟି



ଘରର ସମସ୍ତ ଆସବାବପତ୍ର ପୋଡିଯାଇଛି।

ରକ୍ଷା ପାଇଯାଇଥିଲା। ଗଣେଶ୍ୱର ଭୂମିହୀନ ହୋଇଥିବାରୁ ବାସଗୃହ ଯୋଜନାରେ ବର୍ଷକରିଏ ଇନ୍ଦିରା ଆବାସ ପାଇଥିଲେ। ସେହି ଘରେ ପରିବାର ସହ ରହୁଥିବା ବେଳେ ବହୁ ପରିଶ୍ରମ କରି ୧୫ ହଜାର ଟଙ୍କା ସଞ୍ଚୟ କରିଥିଲେ। ଅଗ୍ନିକାଣ୍ଡ ଘଟି ଘର ଫାଟିବା ସହ ସମସ୍ତ ଆସବାବପତ୍ର ଜଳିଯାଇଥିବା ବେଳେ ସଞ୍ଚିତ ଟଙ୍କା ପୋଡି ଯାଇଥିବାରୁ ବିପନ୍ନ ପରିବାର ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛନ୍ତି। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ି ନ ଥିବା ବେଳେ ଶର୍ଟସର୍କିଟରୁ ନିଆଁ ଲାଗି ଯାଇଥିବା ଅନୁମାନ କରାଯାଉଛି।

# ପିଲାଙ୍କ ମନରେ ଦେଶପ୍ରେମ ଜାଗ୍ରତ ହେବା ଆବଶ୍ୟକ

**ଡେରାବିଶ, ୧୮।୩ (ସ୍ୱ.ପ୍ର.)**

ଡେରାବିଶ ଶିକ୍ଷା ସର୍କଲ ଅଧୀନ କେଶରପୁରସ୍ଥିତ କଳିଙ୍ଗ ଆବାସିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଅଜୟ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବକୁ ସାମାଜିକ କର୍ମୀ ବଦନୀ ଦେବୀ ଉଦ୍‌ଘାଟନ କରିଥିଲେ। ଏଥିରେ ହୃଦ୍‌ରୋଗ ବିଶେଷଜ୍ଞ ଡା. ପୀତାମ୍ବର ଶତପଥୀ ମୁଖ୍ୟଅତିଥି, ମାଧ୍ୟମିକ ଶିକ୍ଷା ପରିଷଦର ଅବସରପ୍ରାପ୍ତ ଅଧିକାରୀ ଅକ୍ଷୟ କୁମାର ପରିଡ଼ା ମୁଖ୍ୟବକ୍ତା ଓ ହାସ୍ୟ ଅଭିନେତା ଇଲୁ ବାନାର୍ଜୀ ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିଲେ। ଜନ୍ମଦାତ୍ରୀଙ୍କ ଆଶୀର୍ବାଦ ଓ ଜଗନ୍ନାଥଙ୍କ କୃପା ଲାଭ କରିପାରିଲେ ଜଣେ ସଫଳ ମଣିଷ ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାହିତ୍ୟିକ ପ୍ରମୋଦ କୁମାର ପ୍ରତାପ, ମାରୁତି ଉଚ୍ଚ ବିଦ୍ୟାପୀଠ ଶିକ୍ଷକ କରୁଣାକର ସ୍ୱାଇଁ,



ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

ଓସିଏ ସମ୍ପାଦକ ସୂର୍ଯ୍ୟକାନ୍ତ ରାଉତ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟ ବରିଷ୍ଠ ଶିକ୍ଷକ ସବ୍ୟସାଚୀ ମିଶ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧ୍ୟକ୍ଷ ମନୋଜ କୁମାର ପ୍ରଧାନ କହିଥିଲେ ଯେ, ଦେଶ ପ୍ରେମ ଜାଗ୍ରତ କରାଇବା ସହ ମା' ଓ ମାତୃଭାଷାର ସମ୍ମାନ ରକ୍ଷା ପାଇଁ ସବୁ ସ୍କୁଲରେ ଶିକ୍ଷା ଦିଆଯିବା ଆବଶ୍ୟକ। ଏ ଅବସରରେ ପୂର୍ବରୁ ସ୍କୁଲରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ଶିକ୍ଷକ ହରେକୃଷ୍ଣ ମହାନ୍ତି ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ୨ ଦିନିଆ ଶିଶୁ ମହୋତ୍ସବ, ବିଜ୍ଞାନମେଳା ଓ ଖାଦ୍ୟ ମେଳା ଅନୁଷ୍ଠିତ ହୋଇଥିଲା। ମାନସ କୁମାର ମଲ୍ଲିକ, ଅବିନାଶ ପଲେଇ, ସୌମେନ୍ଦ୍ର ଭୂୟାଁ, ପ୍ରହଲ୍ଲାଦ ସ୍ୱାଇଁ, ନିବେଦିତା ପ୍ରଧାନ, ଚିତ୍ତରଞ୍ଜନ ସାମଲ, ବିଜୟଲକ୍ଷ୍ମୀ ମହାନ୍ତି, ଦମୟନ୍ତୀ ସ୍ୱାଇଁ, ସୋନାଲି ସାହୁ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ୬ପେଟି ମଦ ଜବତ

**ସାଲେପୁର, ୧୮।୩ (ଡି.ଏନ୍.ଏ)**

ସାଲେପୁର ପୋଲିସ୍ ପକ୍ଷରୁ ପାଟ୍ରୋଲିଂ ଚାଲୁଥିବା ସମୟରେ ଶିଶୁଆ ବଜାରଠାରେ ଏକ ଟାଟା ମ୍ୟାଜିକ୍‌ରୁ ୬ପେଟି ବିଦେଶୀ ମଦ ଜବତ କରାଯାଇଛି। ପୋଲିସ୍ ସୂଚନା ଅନୁଯାୟୀ, ପାଟ୍ରୋଲିଂ ସମୟରେ ଟାଟା ମ୍ୟାଜିକ୍ ଉପରେ ପୋଲିସ୍‌ର ସନ୍ଦେହ ହୋଇଥିଲା। ଗାଡ଼ିକୁ ପୋଲିସ୍ ଅଟକାଇବା ମାତ୍ରେ ଡ୍ରାଇଭର ଚକମା ଦେଇ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ। ପରେ ପୋଲିସ ଗାଡି ଓ ମଦ ଜବତ କରିବା ସହ ମାମଲା (ନଂ.୬୪/୧୯) ରୁଜୁ କରିଛି।

# ଓଲଡ଼ି, ମନ୍ତ୍ରୀପଡା ମେଳଣ ଶେଷ

**ଡେରାବିଶ, ୧୮।୩ (ସ୍ୱ.ପ୍ର.)**

ଫଗୁ ଦଶମୀଠାରୁ ଆରମ୍ଭ ହୋଇଛି ଦୋଳପର୍ବ। ସୁସଜ୍ଜିତ ବିମାନରେ ବସି ରାଧାକୃଷ୍ଣ ଗ୍ରାମ ପରିକ୍ରମା କରିବା ସହ ଗାଁ ଦାଣ୍ଡରେ ଭୋଗ ଖାଉଥିବା ବେଳେ ବିଭିନ୍ନ ସ୍ଥାନରେ ମେଳଣ ଅନୁଷ୍ଠିତ ହୋଇଯାଇଛି। ଡେରାବିଶ ବ୍ଲକ ଅଧୀନ ଓଲଡ଼ିସ୍ଥିତ ମା' ନାରାୟଣୀଙ୍କ ପୀଠରେ ସୋମବାର ଦୋଳ ମେଳଣ ଉଦ୍‌ଯାପିତ ହୋଇଛି। ରବିବାର ରାତିରୁ ଆରମ୍ଭ ହୋଇଥିବା ଏହି ମେଳଣ ସୋମବାର ସକାଳ ୮ଟାରେ ଶେଷ ହୋଇଥିଲା। ଗୋସେଇଁ ମଠ ବିମାନ ଏହି ମେଳଣର ଥାନପତି ହୋଇଥିବାରୁ ତାଙ୍କ ବିମାନ ପ୍ରଥମେ ପଡ଼ିଆରେ ଉପବେଶନ କରିଥିଲେ। ପରେ ବିଭିନ୍ନ ପଟୁଆର ମଧ୍ୟରେ ଓଲଡ଼ି ମଠ, ଫକୀରାବାଦ, ମନ୍ତ୍ରୀପଡ଼ା ମଠ, ସନ୍ତପୁରା ମଠ ଓ ତରଜଙ୍ଗାରୁ ଆସୁଥିବା ୧୦ରୁ ଉର୍ଦ୍ଧ୍ୱ ବିମାନ ପଡ଼ିଆ ମଧ୍ୟକୁ ପ୍ରବେଶ କରିଥିଲେ। ଘଣ୍ଟ ଓ ସଂକୀର୍ତ୍ତନ ସାଙ୍ଗକୁ ଆତସବାଜି ଶବ୍ଦରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ସେହିପରି କୁରୁଜଙ୍ଗା ପଞ୍ଚାୟତର ମନ୍ତ୍ରୀପଡ଼ାଠାରେ ସୋମବାର ହୋଇଥିବା ମେଳଣରେ ୧୫ରୁ ଉର୍ଦ୍ଧ୍ୱ ବିମାନ ଯୋଗ ଦେଇଥିଲେ। ମନ୍ତ୍ରୀପଡ଼ାର ଶ୍ରୀ ଗୋପୀନାଥ ଜୀଉ ଏହି ମେଳଣ ଥାନପତି ହୋଇଥିବା ବେଳେ ଶ୍ରୀଲଛମନଜୀଉ, ଠାକୁରହାଟ ମଠ, ସନ୍ଥପୁରା ମଠ, ଓଲଡ଼ି ମଠ, ନିକିରାଇ ମଠ ଓ ବାଲିଆପଦା ବିମାନ ମେଳଣ ପଡ଼ିଆରେ ଉପବେଶନ କରିଥିଲେ। ବହୁ ପୁରାତନ ଏହି ମେଳଣରେ ଆଖପାଖ ଅଞ୍ଚଳର ବହୁ ଲୋକଙ୍କ ସମାଗମ ହୋଇଥିଲା।

# ଇଭିଏମ୍, ଭିଭିପିଏଟି ମେଶିନ ସ୍ଥାନାନ୍ତର ପ୍ରସ୍ତୁତି

**କେନ୍ଦ୍ରାପଡ଼ା ଅଫିସ୍, ୧୮।୩**

ଆସନ୍ତା ଏପ୍ରିଲ ୨୯ରେ କେନ୍ଦ୍ରାପଡ଼ା ଜିଲାରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ପ୍ରଶାସନିକ ପ୍ରସ୍ତୁତିକୁ ଜୋରଦାର କରାଯାଇଛି। ନିର୍ବାଚନ ପରିପ୍ରେକ୍ଷୀରେ ଆସିଥିବା ଇଭିଏମ ଓ ଭିଭିପିଏଟି ମେସିନ କେନ୍ଦ୍ରାପଡା ଜିଲା ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ଗୋଦାମ ଗୃହରେ ରଖାଯାଇଥିଲା। ଗତ ୩ ଦିନ ଧରି ମେସିନର ସମସ୍ତ ପରୀକ୍ଷା ନିରୀକ୍ଷା କରାଯାଇ ସୋମବାର ରାତି ସୁଦ୍ଧା ଏଗୁଡ଼ିକୁ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଥିବା ନିର୍ବାଚନ ରୁମ୍‌କୁ ସ୍ଥାନାନ୍ତର କରାଯିବ ବୋଲି ଜିଲାପାଳ ଦାଶରଥି ଶତପଥୀ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ସେ ସୂଚନା ଦେଇଛନ୍ତି, ସମସ୍ତ ମେସିନକୁ ବିଭିନ୍ନ ରାଜନେତାଙ୍କ ଉପସ୍ଥିତିରେ ପ୍ରଦର୍ଶନ କରାଯାଇଥିଲା। ଏହାକୁ ନିର୍ବାଚନ ମଣ୍ଡଳୀରେ ଭାଗ କରାଯାଇ ନିର୍ବାଚନ ଷ୍ଟୋର ରୁମ୍‌କୁ ସ୍ଥାନାନ୍ତର କରାଯାଉଛି। ଏଡିଏମ୍ ବସନ୍ତ କୁମାର ରାଉତ, ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର, ସହକାରୀ ଉପଜିଲାପାଳ ସମିତ ଶତପଥୀ ପ୍ରମୁଖ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହେଉଥିବା ଜିଲାପାଳ ପ୍ରକାଶ କରିଛନ୍ତି।

# କେତକୀ ଫୁଲରେ ସଜ୍ଜାହେଲେ ଶ୍ରୀଲଛମନ ଜୀଉ

**ଡେରାବିଶ, ୧୮।୩ (ସ୍ୱ.ପ୍ର.)**

ବିଭିନ୍ନ ପୂଜା ପର୍ବରେ କେତକୀ ଫୁଲର ଆଦର ସବୁବେଳେ ରହିଆସିଛି। ଜାଗରରେ ଶିବଙ୍କୁ ଏହି ଫୁଲ ଚଢ଼ାଇଲେ ମାନସିକ ପୂରଣ ହୁଏ ବୋଲି ବିଶ୍ୱାସ ଥିବା ବେଳେ ଫଗୁଣ ମାସ ଦୋଳରେ ବି ଏହି ଫୁଲ ବେଶ ଆବଶ୍ୟକ ପଡ଼ିଥାଏ। ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ବିମାନରେ କେତକୀ ଫୁଲ ସଜ୍ଜା ଯାଉଥିବାରୁ ଗ୍ରାମ ପରିକ୍ରମା କରିବା ବେଳେ କେତକୀ ଫୁଲ ବାସ୍ନାରେ କମ୍ପି ଉଠୁଥିଲା ଗାଁ ଦାଣ୍ଡ। ଏବେ ସମୟ ବଦଳିଛି, ତା ସଙ୍ଗକୁ ଅନେକ ସ୍ଥାନରେ ଆଉ କେତକୀ ଫୁଲ ଦେଖିବାକୁ ମିଳୁନି। କିନ୍ତୁ ଡେରାବିଶ ବ୍ଲକ ବାଲିପାଟଣାସ୍ଥିତ ଶ୍ରୀଲଛମନଜୀଉଙ୍କ ଦୋଳ ବିମାନରେ କେତକୀ ଫୁଲ ସଜାଯିବା ପରମ୍ପରା ବଦଳିନି। ଫଗୁଣ ମାସରେ ଦୋଳ ପାଇଁ ଶ୍ରୀଲଛମନଜୀଉଙ୍କ ମନ୍ଦିର ବେଢ଼ାରେ ଲଗାଯାଇଛି କେତକୀ ଗଛ।



ଶ୍ରୀଲଛମନଜୀଉଙ୍କ ମନ୍ଦିର ପରିସରରେ ଫୁଟିଥିବା କେତକୀ ଫୁଲ।

ସ୍ଥାନୀୟ ଲୋକେ ଅତି ଯତ୍ନର ସହ ଏହି ଗଛକୁ ରଖିଛନ୍ତି। ଶ୍ରୀ ଜୀଉଙ୍କ ଦୋଳଯାତ୍ରା ବେଳେ କେତକୀ ଫୁଲର ଆବଶ୍ୟକତା ଥିବାରୁ ଏହି ଫୁଲ ମିଳିବା କଷ୍ଟକର। ତେଣୁ ମନ୍ଦିର ବେଢ଼ାରେ ଏହି ଗଛ ଲଗାଯାଇଛି। ଶନିବାରଠାରୁ ଶ୍ରୀଜୀଉଙ୍କ ଦୋଳ ଯାତ୍ରା ଆରମ୍ଭ ହୋଇଛି। ଏହି ଉପଲକ୍ଷେ ଠାକୁରଙ୍କୁ କେତକୀ ଫୁଲ ଅର୍ପଣ କରାଯାଇଥିଲା। କେତକୀ ଫୁଲ ଓ ଶ୍ରୀଜୀଉଙ୍କ ଦୋଳ ଯାତ୍ରା ସମ୍ପର୍କରେ ମନ୍ଦିର ପରିଚାଳନା କମିଟି ସଭାପତି ଦୟାନିଧି ଦାସ କୁହନ୍ତି, ଦୋଳ ଯାତ୍ରା ବେଳେ ବିମାନରେ କେତକୀ ଫୁଲ ସଜାଯିବାର ପରମ୍ପରା କାହିଁ କେଉଁ ଅମଳରୁ ଚାଲିଆସିଛି। ଆଗରୁ ସବୁସ୍ଥାନରେ ପ୍ରାୟ କେତକୀ ଗଛ ଥିବା ବେଳେ ଏହି ଫୁଲ ଅତି ସହଜରେ ମିଳି ଯାଉଥିଲା। କିନ୍ତୁ ଏବେ ଏହା ମିଳୁ ନ ଥିବାରୁ ମନ୍ଦିର ପରିସରରେ ଏହି ଗଛ ଲଗାଯାଇଛି ବୋଲି ଦାସ କହିଛନ୍ତି। ଚଳିତ ବର୍ଷ ଶ୍ରୀଜୀଉଙ୍କୁ କେତକୀ ଫୁଲ ଅର୍ପଣ କରାଯିବା ସହ ଫୁଲରେ ସଜାଇବା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। ଦୀର୍ଘ ବର୍ଷ ପରେ ଏ ବର୍ଷ କେତକୀ ଫୁଲ ଅଧିକ ଫୁଟିଥିବାରୁ ଶ୍ରୀ ଜୀଉଙ୍କ ଆଶୀର୍ବାଦ ରହିଥିବା ସେ କହିଛନ୍ତି।

■ ଆଳିରେ ବଢୁଛି ଚୋରି, ଡକାୟତି

# ଆଇଆଇସିଙ୍କୁ ଭେଟିଲା ନାଗରିକ ମଞ୍ଚ

**ଆଳି, ୧୮।୩ (ଡି.ଏନ୍.ଏ.)**

ଆଳି ଥାନା ଅଧୀନ ୩୪ ପଞ୍ଚାୟତରେ ବିଭିନ୍ନ ସମୟରେ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜୁଛି। ଅଧିକାଂଶ ସମୟରେ ଚୋରି, ଡକାୟତି ଓ ରାହାଜାନି ପ୍ରଭୃତି ଘଟୁଥିବା ବେଳେ ପୋଲିସ ଅପରାଧୀଙ୍କ ନିକଟରେ ପହଞ୍ଚି ପାରୁନି। ଅଭିଯୁକ୍ତମାନେ ଅନାୟାସରେ ଜିଲା ତଥା ରାଜ୍ୟ ବାହାରକୁ ଚାଲି ଯାଉଛନ୍ତି। ସାଧାରଣ ନିର୍ବାଚନ ତାରିଖ ଘୋଷଣା ହୋଇସାରିଥିବା ବେଳେ ଏହି ବ୍ଲକ ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡ଼ିବାର ଯଥେଷ୍ଟ ସମ୍ଭାବନା ରହିଛି। ସମ୍ବେଦନଶୀଳ ସ୍ଥାନରେ ସାଧାରଣ ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି। ଆଳି ନାଗରିକ ମଞ୍ଚ ସଦସ୍ୟମାନେ ଆଳି ଥାନାରେ ନୂତନ ଭାବେ ଯୋଗଦେଇଥିବା ଆଇଆଇସିଙ୍କୁ ଭେଟି ଏ ଦିଗରେ ଦୃଷ୍ଟି ଦେବା ନିମନ୍ତେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଦାବିପତ୍ରରେ ସାଧାରଣ ନିର୍ବାଚନ ଶାନ୍ତି ଶୃଙ୍ଖଳାର ସହ ଶେଷ କରିବା ନିମନ୍ତେ ଉଲ୍ଲେଖ କରାଯାଇଛି।



ଆଳି ନାଗରିକ ମଞ୍ଚ ସଦସ୍ୟମାନେ ଆଇଆଇସିଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ଏଥିସହିତ ନିର୍ବାଚନ ସମୟରେ ଆଳି ନୂଆବଜାର, ନିଆଳ ହାଟ, ଚଣ୍ଡୀ ବଜାର, ସିଙ୍ଗିରି ବଜାର, ପତ୍ରପୁର ବଜାର, ମାନପୁର ବଜାର, ଭୂଇଁପୁର ବଜାର, ବାଲକାଟି ବଜାର ଓ ଆଳି ଡାକବଙ୍ଗଳା ଛକଠାରେ ବ୍ୟାପକ ପୋଲିସ ମୁତୟନ ଓ ପାଟ୍ରୋଲିଂ କଡ଼ାକଡ଼ି କରାଯିବାକୁ ମଞ୍ଚ ସଦସ୍ୟମାନେ ଦାବି କରିଥିଲେ। ଏଥିସହିତ ଆଳି ଥାନା ଅଞ୍ଚଳରେ ଅବାଧ ମଦ ଓ ଗଞ୍ଜେଇ କାରବାର ବନ୍ଦ କରିବା ଗୋବିନ୍ଦପୁରଠାରେ ବନ୍ଦ ଅବସ୍ଥାରେ ଥିବା ପୋଲିସ ବିଟ ହାଉସ ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଥିଲା। ଆଇଆଇସି ସଲିଲ ପ୍ରଧାନ ଦାବି ପତ୍ର ଗ୍ରହଣ କରିବା ସହ ଏ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ନାଗରିକ ମଞ୍ଚ ସଭାପତି ଧନେଶ୍ୱର ରାଉତ, ସମ୍ପାଦକ ଅକ୍ଷୟ ମଲିକ, ଲକ୍ଷ୍ମୀଧର ଦୀକ୍ଷିତ, ମାୟାଧର ରାଉତ, ପ୍ରମୋଦ ରାୟ, ସହଦେବ ସିଂ, ସୁହାନା ବେଗମ, କମଳାକାନ୍ତ ସିଂ ଓ କରୁଣାକର ସାମଲ ପ୍ରମୁଖ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

■ ଫଜଲହକ୍ ହାଇସ୍କୁଲର ପ୍ଲାଟିନମ୍ ଜୁବିଲି ଉଦ୍‌ଯାପନୀ ସମାରୋହ

# ସବୁ ମଣିଷକୁ ଏକ ଭାବିବା ହିଁ ପ୍ରକୃତ ଶିକ୍ଷା-ରାଜ୍ୟପାଳ

**ପାଟକୁରା, ୧୮।୩(ଡି.ଏନ୍.ଏ)**

ଗରଦପୁର ବ୍ଲକ ତେଣ୍ଡାକୁଡ଼ା ପଞ୍ଚାୟତସ୍ଥିତ ଫଜଲହକ୍ ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ୍ ଜୁବିଲି ଉଦ୍‌ଯାପନୀ ସମାରୋହ ସୋମବାର ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ସଂସଦ ସଭାପତି ମନ୍‌ମୋହନ କାନୁନ୍‌ଗୋଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପ୍ରତ୍ୟେକ ଶରୀରରେ ବ୍ରହ୍ମ ବିଦ୍ୟମାନ୍। ଶରୀରରେ ପରାମାତ୍ମା ବସ କରୁଥିବାରୁ ପୃଥିବୀରେ ଜନ୍ମ ଗ୍ରହଣ କରୁଥିବା ସମସ୍ତ ମଣିଷକୁ ଏକ ଭାବିବା ବିଦ୍ୟାର୍ଥୀର ପ୍ରକୃତ ଶିକ୍ଷା। ସମସ୍ତ ଧର୍ମର ଶାରବାଣି ଏକ। ଯେତେବେଳେ ଧର୍ମର ବିନାଶ ହୁଏ ସେତେବେଳେ ପରମାତ୍ମା ଶରୀର ଗ୍ରହଣ କରି ପୃଥିବୀ ଲୋକଙ୍କୁ ଦିଗଦର୍ଶନ ଦେଇଥାନ୍ତି ବୋଲି ରାଜ୍ୟପାଳ ତାଙ୍କ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ। ପୁରାତନ ଛାତ୍ରସଂସଦ




ରାଜ୍ୟପାଳ ପ୍ରଫେସର ଗଣେଶିଲାଲ୍ ଉଦ୍‌ବୋଧନ ଦେଉଛନ୍ତି।

ପକ୍ଷରୁ ପ୍ରକାଶିତ ଏକ ସ୍ମରଣୀକାକୁ ରାଜ୍ୟପାଳ ଉନ୍ମୋଚନ କରିଥିଲେ। ଅଧ୍ୟାପକ ଡା. ସରୋଜ ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାର୍ଥୀମାନଙ୍କୁ କର୍ମଠ ହେବାକୁ ପ୍ରଫେସର କମଳାକାନ୍ତ ମିଶ୍ର ଉଦ୍‌ବୋଧନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କେନ୍ଦ୍ରାପଡ଼ା ଜିଲାପାଳ ଦାଶରଥି ଶତପଥୀ ଯୋଗଦେଇଥିଲେ। ରାଜ୍ୟପାଳ ବିଭିନ୍ନ କ୍ଷେତ୍ରରେ ଶ୍ରେଷ୍ଠତ୍ୱ ଲାଭ କରିଥିବା ପୁରାତନ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେମାନେ ହେଲେ ପ୍ରଫେସର ଶିବ ଚରଣ ନାୟକ, ଡା. ଅମରେନ୍ଦ୍ର ନାଥ ମହାନ୍ତି, ଇଂ. ପ୍ରଫୁଲ୍ଲ ଚନ୍ଦ୍ର ଦାସ, ଡା. ମିର୍ଜାମଇମଲ ବେଗ୍, ଡା. ସଏଦ୍ ଅଲ୍ଲୀ ଅଜଗର, ମୁକ୍ତିକାନ୍ତ ମହାପାତ୍ର, ସମୀର କୁମାର ମହାନ୍ତି ଏବଂ ଡା. ହଲିମ୍। ପୁରାତନ ଛାତ୍ର ସଂସଦ ଉପସଭାପତି ଗୌରାଙ୍ଗ ଚନ୍ଦ୍ର ଦାସ, କୋଷାଧ୍ୟକ୍ଷ ଦିପ୍ତିରଞ୍ଜନ କାନୁନ୍‌ଗୋ, ସଂଗଠନ ସମ୍ପାଦକ ଡା. ଲିଙ୍ଗରାଜ ରଣା, ସହ ସମ୍ପାଦକ ନୃସିଂହ ଚରଣ ଦାସ, ପୂର୍ବତନ ସରପଞ୍ଚ ରବୀନ୍ଦ୍ର ମହାନ୍ତି ଓ ରବୀନ୍ଦ୍ର ମହାପାତ୍ର ସମାରୋହରେ ଉପସ୍ଥିତ ରହିଥିଲେ।



ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଥାଏ।
- ଉତ୍କଳ ଗୌରବ ମଧୁସୂଦନ ଦାସ



## ସଂକ୍ଷେପରେ

### ଶାଳ କାଠ ଜବତ : ମାଫିଆ ଫେରାର

କାଳିଆପାଣି, ୧୮।୩(ଡି.ଏନ୍.ଏ.)- କାଳିଆପାଣି ଥାନା ଅନ୍ତର୍ଗତ ବେଣାଗଡ଼ିଆ ଗ୍ରାମରେ ସୋମବାର ସନ୍ଧ୍ୟାରେ ପୋଲିସ ଚଢ଼ାଉକରି ୩୪ ପିସ୍ ଶାଳକାଠ ପଟା ଜବତ କରିଛି। ଜବତ ଶାଳକାଠ ପଟାର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବା ନେଇ ଅନୁମାନ କରାଯାଉଛି। ମଙ୍ଗଳବାର ବନ ବିଭାଗକୁ ଜବତ ଶାଳ ପଟା ହସ୍ତାନ୍ତର କରାଯିବ ବୋଲି ଥାନା ଅଧିକାରୀ ରମାକାନ୍ତ ମୁଦୁଲୀ ପ୍ରକାଶ କହିଛନ୍ତି। ଚଢ଼ାଉର ଖବର ପାଇ କାଠ ମାଫିଆମାନେ ଫେରାର ହୋଇଯାଇଥିଲେ। ପ୍ରକାଶ ଯେ, ଦୈତାରୀ ସଂରକ୍ଷିତ ଜଙ୍ଗଲ ଅଞ୍ଚଳରୁ ଅନବରତ ମୂଲ୍ୟବାନ କାଠ ଚୋରା ଚାଲାଣ ହେଉଥିବାର ଅଭିଯୋଗ ହୋଇଆସୁଥିଲା। କାଳିଆପାଣି ପୋଲିସ ଏସ୍ଆଇ ବିଭୁତି ମହାପାତ୍ର ପଟ୍ରୋଲିଂ ସମୟରେ ଅଚାନକ ବେଣାଗଡ଼ିଆ ଗ୍ରାମରେ ଚଢ଼ାଉ କରିଥିଲେ। ଚଢ଼ାଉର ଖବର ପାଇ କାଠ ପଟା ମାଫିଆ ଫେରାର ହୋଇଯାଇଥିବାବେଳେ ପୋଲିସ ଶାଳକାଠ ପଟା ଜବତ କରିଥିଲା। ଥାନା ଅଧିକାରୀ ରମାକାନ୍ତ ମୁଦୁଲୀଙ୍କ ସହ ଏସ୍ଆଇ ବିଭୁତି ମହାପାତ୍ର, ରଞ୍ଜିତା ସାମଲ, ପ୍ରତାପ ରାଉତ ପ୍ରମୁଖ ସାମିଲ ଥିଲେ।

### ଛାତ୍ର କଂଗ୍ରେସ ସଭାପତି ହେଲେ ବିଶ୍ୱଦତ୍ତ

ଡୁବୁରୀ, ୧୮।୩(ଡି.ଏନ୍.ଏ.)- ସୁକିନ୍ଦା ବ୍ଲକ ଅନ୍ତର୍ଗତ ଡୁବୁରୀ ଗ୍ରାମର ବିଶ୍ୱଦତ୍ତ ଜେନା(ବାପୁ) ଯାଜପୁର ଜିଲା ଛାତ୍ର କଂଗ୍ରେସ ସଭାପତି ଭାବେ ନିଯୁକ୍ତି ପାଇଛନ୍ତି। ସର୍ବ ଭାରତୀୟ ଛାତ୍ର କଂଗ୍ରେସ ସମ୍ପାଦକ ରୋହିତ ମୋଥାଙ୍କ ଅନୁମୋଦନ କ୍ରମେ ଜେନାଙ୍କୁ ଉକ୍ତ ଦାୟିତ୍ୱ ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ୨୦୧୯ ସାଧାରଣ ନିର୍ବାଚନରେ ରାହୁଲ ଗାନ୍ଧୀଙ୍କ ବାର୍ତ୍ତା 'ବେହତର ଭାରତ ବେହତର ଓଡ଼ିଶା' କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ସହ ଜଡ଼ିତ ହୋଇ ଦଳୀୟ ସଙ୍ଗଠନକୁ ସୁଦୃଢ଼ କରିବି ବୋଲି ଶ୍ରୀ ଜେନା କହିଛନ୍ତି। ଏଥିସହ ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପ୍ରଦାନ କରାଯାଇଥିବାରୁ ସେ ଅଖିଳ ଭାରତୀୟ ଜାତୀୟ କଂଗ୍ରେସ ସଭାପତି ରାହୁଲ ଗାନ୍ଧୀ, ଓଡ଼ିଶା ପ୍ରଦେଶ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ, ସର୍ବ ଭାରତୀୟ ଛାତ୍ର କଂଗ୍ରେସ ସମ୍ପାଦକ ରୋହିତ ମୋଥା, ପିସିସି ସମ୍ପାଦକ ସଂଗ୍ରାମ କେଶରୀ ଜେନା, ଛାତ୍ର କଂଗ୍ରେସ ସଭାପତି ଇତିଶ୍ ପ୍ରଧାନ, ବରିଷ୍ଠ କଂଗ୍ରେସ ନେତା ଅଜୟ ଜେନା, ପୂର୍ବତନ ଯୁଥ୍ କଂଗ୍ରେସ ସମ୍ପାଦକ ଅଭିଳାଷ ଜେନାଙ୍କୁ ଧନ୍ୟବାଦ ଜଣାଇଛନ୍ତି।

### ଅଗ୍ନିକାଣ୍ଡ, ୨ପରିବାର ସର୍ବସ୍ୱାନ୍ତ

ରସୁଲପୁର, ୧୮।୩(ଡିଏନଏ)– ରସୁଲପୁର ତହସିଲ ଅନ୍ତର୍ଗତ ରାହାମ୍ବା ପଞ୍ଚାୟତ ମିର୍ଜାପୁର ଗ୍ରାମର ସଂଖ୍ୟାଲଘୁ ସଂପ୍ରଦାୟ ସାହିରେ ସୋମବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡରେ ୨ ମୁସଲିମ୍ ପରିବାର ସର୍ବସ୍ୱାନ୍ତ ହୋଇଯାଇଛନ୍ତି। ଅବଦୁଲ କାଦିର ଓ ସେକ୍ ସାଦିର ୨ଭାଇଙ୍କ ସମସ୍ତ ଆସବାସପତ୍ର ପୋଡି ପାଉଁଶ ହୋଇଯାଇଛି। ନିଆଁର ଭୟଭୟତା କରାଣରୁ ଘର ଭିତରୁ କୌଣସି ଜିନିଷ ପଦାକୁ ବାହାର କରାଯାଇ ପାରି ନ ଥିଲା। ରସୁଲପୁର ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚିଲା ବେଳକୁ ସବୁ ଜିନିଷପତ୍ର ପୋଡି ପାଉଁଶ ହୋଇଯାଇଥିଲା। ରୋଷେଇ ଘରୁ ନିଆଁ ଝୁଲ ଉଡି ଚାଳରେ ପଡିବାରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି। ଖବର ପାଇ ନରସିଂହପୁର ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତିକୁ ଆକଳନ କରିବା ସହ ପାଲର ବନ୍ଦୋବସ୍ତ କରିଛନ୍ତି।

## ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅର୍ଥ ହଡ଼ପ

# ମେଶିନ୍ କରୁଛି ଶ୍ରମିକଙ୍କ କାମ

କୋରେଇ, ୧୮।୩(ସ୍ୱ.ପ୍ର.)

**କୋରେଇ ବ୍ଲକ**
- ୨୦୧୭-୧୮ରେ ୨ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା
- ରାତିଅଧିଆ ୩ରୁ ୪ ଘଣ୍ଟା ମେଶିନ ସାହାଯ୍ୟରେ କାମ କରାଯାଉଛି

ଶ୍ରମିକଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ସରକାର ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ମାଧ୍ୟମରେ କାମ ଯୋଗାଇ ଦେଉଛନ୍ତି। ହେଲେ ଅନେକ ସ୍ଥାନରେ ଠିକାଦାର ଓ କେତେଜଣ ଅସାଧୁ କର୍ମଚାରୀ ମିଳିମିଶି ଏହି ଯୋଜନାର ଅର୍ଥକୁ ଲୁଟ୍ କରୁଥିବା ଜଣାପଡ଼ିଛି। ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି କୋରେଇ ବ୍ଲକରେ। କୋରେଇ ବ୍ଲକର ବିଭିନ୍ନ ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଦୁର୍ନୀତି ଚରମ ସୀମାରେ ପହଞ୍ଚିଛି। ହେଲେ କୌଣସି ତଦନ୍ତ ନ ହେବାରୁ ଠିକାଦାର ଓ କେତେଜଣ ରାଜନେତା ଏହି ଯୋଜନାରେ ଆସୁଥିବା ଅର୍ଥ ଆତ୍ମସାତ୍ କରୁଥିବା ଜଣାପଡ଼ିଛି। ଏପରି କି ଶ୍ରମିକଙ୍କ ସ୍ଥାନରେ ଜେସିବି ମେଶିନ ଲଗାଯାଇ କାର୍ଯ୍ୟ କରାଯାଉଛି। ଏହିପରି ଏକ ଅଭିଯୋଗ ଆଣିଛନ୍ତି ବରୁଣ୍ଡେଇ ପଞ୍ଚାୟତବାସୀ। ଉକ୍ତ ପଞ୍ଚାୟତର ମୁସଲମାନ ସାହି ଏସାନ ଘରଠାରୁ ଆରଡି ରାସ୍ତା ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ଅନ୍ତର୍ଭୁକ୍ତ। ଏହି ରାସ୍ତା ପାଇଁ ୨୦୧୭-୧୮ ଆର୍ଥିକ ବର୍ଷରେ ୨ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା। ହେଲେ କାଗଜ କଲମରେ କାର୍ଯ୍ୟ କରାଯାଇ ଅର୍ଥ ହରିଲୁଟ୍ ହୋଇଥିବା ଅଭିଯୋଗରୁ ଜଣାପଡ଼ିଛି। ବର୍ତ୍ତମାନ ଏହି ରାସ୍ତା କାମ ପାଇଁ ୨୦୧୮-୧୯ ଆର୍ଥିକ ବର୍ଷରେ ୧ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ହେଲେ ରାତିଅଧିଆ ୩ରୁ ୪ ଘଣ୍ଟା ମେଶିନ ସାହାଯ୍ୟରେ କାର୍ଯ୍ୟ କରାଯାଇ ଲୋକଙ୍କ ନାମରେ ଜବ କାର୍ଡ ମାଧ୍ୟମରେ ଅର୍ଥ ଆତ୍ମସାତ୍ କରିବାକୁ ଯୋଜନା ପ୍ରସ୍ତୁତ ଚାଲିଛି। ଏହାକୁ ବିରୋଧ କରି ଗ୍ରାମବାସୀ ଶୁକ୍ରବାର କୋରେଇ ବିଡିଓ ଦାୟିତ୍ୱରେ ଥିବା ତହସିଲଦାର ନିରଞ୍ଜନ ବେହେରାଙ୍କ ଦ୍ୱାରସ୍ଥ ହୋଇଥିଲେ। ବିଡିଓ ଅନୁପସ୍ଥିତ ଥିବାରୁ ଉପନିର୍ବାହୀ ଯନ୍ତ୍ରୀ ମନୋଜ କୁମାର ସେନାପତି ଅଭିଯୋଗପତ୍ର ଗ୍ରହଣ କରି ତଦନ୍ତ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଅପରପକ୍ଷରେ ୨୦୧୭-୧୮ ଫଳକର ଲେଖା ଉପରେ କାର୍ଯ୍ୟର କାର୍ଡ ନମ୍ବର, ଆର୍ଥିକ ବର୍ଷ ଓ ପ୍ରକଳ୍ପ ଅଟକଳର ପରିମାଣ ଉପରେ ଟ୍ୟାମ୍ପରିଙ୍ଗ କରାଯାଇ ଲେଖାଯାଇଛି ଓ ମେଶିନ ସାହାଯ୍ୟରେ ରାସ୍ତାକଡ଼ରୁ ମାଟି ଉଠାଉଥିବା ଦେଖିବାକୁ ମିଳିଛି। ଏ ନେଇ ଲୋକେ ସରପଞ୍ଚ ସୌଭାଗ୍ୟ କୁମାର ମହାନ୍ତିଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ସେ ଗ୍ରହଣ କରି ନ ଥିଲେ। ଏ ସମ୍ପର୍କରେ ସରପଞ୍ଚ ମହାନ୍ତିଙ୍କୁ ପଚାରିବାରୁ, ୨୦୧୮-୧୯ରେ କୌଣସି ବିଲ୍ ହୋଇ ନ ଥିବା କହିଥିଲେ। ହେଲେ ଫଳକରେ ଆର୍ଥିକ ବର୍ଷ ଲେଖାଥିବା ସ୍ପଷ୍ଟ ଜଣାପଡୁଛି। ବାସ୍ତବରେ କୋରେଇ ବ୍ଲକରେ ଆଗରୁ ହୋଇଥିବା ଦୁର୍ନୀତିର ମାଳ ମାଳ ଦରଖାସ୍ତ ତଦନ୍ତ ଆଳରେ ନଥି ତଳେ ଚାପି ହୋଇରହିଛି।

## କାରଖାନା ସମ୍ମୁଖରେ ଜମିହରାଙ୍କ ଧାରଣା

# ୪ ଘଣ୍ଟା ମୁଖ୍ୟ ଫାଟକ ବନ୍ଦ



କାରଖାନା ସମ୍ମୁଖରେ ଧାରଣା ଦେଇଥିବା ଜମିହରା ।

କଳିଙ୍ଗନଗର, ୧୮।୩(ଡି.ଏନ୍.ଏ.)

କଳିଙ୍ଗନଗର ଇମାମି ସିମେଣ୍ଟ କାରଖାନା ମୁଖ୍ୟ ଫାଟକ ସମ୍ମୁଖରେ ସୋମବାର ବିଭିନ୍ନ ଦାବିରେ ଜମିହରା ଆଦିବାସୀ ପକ୍ଷରୁ ଧାରଣା ଦିଆଯାଇଛି। ଧାରଣାକାରୀ ୪ ଘଣ୍ଟା କାଳ ଖଣି ମୁଖ୍ୟ ଫାଟକ ବନ୍ଦ କରି ଧାରଣା ଦେଇଥିଲେ। ତେବେ କାରଖାନାରେ କୌଣସି ଉଚ୍ଚ ପଦସ୍ଥ ଅଧିକାରୀ ଉପସ୍ଥିତ ନ ଥିବାରୁ ଆସନ୍ତା ସୋମବାର ଏ ଦିଗରେ ଆଲୋଚନା କରାଯିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଥିବା ଧାରଣାକାରୀ କହିଛନ୍ତି। ପ୍ରକାଶ ଯେ, କାରଖାନା ପ୍ରତିଷ୍ଠାବେଳେ କର୍ତ୍ତୃପକ୍ଷ ଜମିହରାଇଥିବା ଚାଷୀଙ୍କ ପରିବାର ମଧ୍ୟରୁ ଜଣଙ୍କୁ କାରଖାନାରେ ସ୍ଥାୟୀ ନିଯୁକ୍ତି ଓ ଅନ୍ୟାନ୍ୟ ସୁବିଧା ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ ଏ ଦିଗରେ କାରଖାନା କର୍ତ୍ତୃପକ୍ଷ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ଏହାର ବିରୋଧରେ କାରଖାନା ପାଇଁ ଜମି ହରାଇଥିବା ଚାଷୀ ଦେବେନ୍ଦ୍ର ଘଡାଇ, ରବୀନ୍ଦ୍ର ସାମଲ, ଦେବେନ୍ଦ୍ର ସାମଲ, ପ୍ରମୋଦ ଘଡାଇ, ଗୟାଧର ସାମଲ, ବିଶ୍ୱରଞ୍ଜନ ସିଂହ, ଚନ୍ଦ୍ର କାନ୍ତ ପାଲ, ଜୋତିରଞ୍ଜନ ସାମଲ, ନିରଞ୍ଜନ କୁମାର ମହାନ୍ତିଙ୍କ ସମେତ ୨୫ ରୁ ଊର୍ଦ୍ଧ୍ୱ ଚାଷୀ ଧାରଣାରେ ସାମିଲ ହୋଇଥିଲେ।

## ଛତିଆ ରାଜଦୋଳ ମିଳନ ମହୋତ୍ସବ ଉଦ୍‌ଯାପିତ

# ପୂଜା ପାଇଲେ ୪୦ରୁ ଊର୍ଦ୍ଧ୍ୱ ବିମାନ

ଛତିଆ, ୧୮।୩(ଡି.ଏନ୍.ଏ.)

ବଡଚଣା ବ୍ଲକ ଅନ୍ତର୍ଗତ ଛତିଆର ପ୍ରସିଦ୍ଧ ରାଜଦୋଳ ମିଳନ ମହୋତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ରବିବାର ସନ୍ଧ୍ୟାରୁ ମେଳା ପଡିଆ ଲୋକାରଣ୍ୟ ହୋଇ ଉଠିଥିଲା। ସର୍ବପ୍ରଥମେ ଲହରା ମଠର ରାଧାକୃଷ୍ଣଙ୍କ ଥାନପତି ବିମାନ ପହଞ୍ଚିବା ପରେ ବାଜା, ବାଣ ନାମ ସଂକୀର୍ତ୍ତନ କରି ବିରାଟ ପଟୁଆରରେ ୪୦ରୁ ଊର୍ଦ୍ଧ୍ୱ ବିମାନ ଆସି ମେଳା ପଡିଆରେ ପହଞ୍ଚିଥିଲେ। ପୂଜାର୍ଚ୍ଚନା କରାଯାଇ ଭୋଗ ଲଗାଯିବା ପରେ ରାଧାକୃଷ୍ଣଙ୍କ ବିମାନଗୁଡିକ ପ୍ରତ୍ୟାବର୍ତ୍ତନ କରିଥିଲେ। ଗତ ୧୨ ତାରିଖରୁ ଚାଲିଥିବା ଏହି ରାଜଦୋଳ ମିଳନ ମହୋତ୍ସବରେ ପ୍ରତ୍ୟହ ସନ୍ଧ୍ୟାରୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ପାଲା, ଦାସକାଠିଆ, ଘୋଡ଼ାନାଚ, ନୃତ୍ୟ ନାଟିକା, ଭଜନ ସମାରୋହ ପରିବେଷଣ କରାଯାଇଥିଲା।



ବିମାନଗୁଡ଼ିକୁ ଶୋଭାଯାତ୍ରାରେ ମେଳଣ ପଡିଆକୁ ନିଆଯାଉଛି ।

ସେହିପରି ମେଳା ପଡିଆରେ ଏକ ପୁସ୍ତକ ମେଳା ଅନୁଷ୍ଠିତ ହୋଇଥିଲା। ପଲ୍ଲୀଶ୍ରୀ ମେଳା, ହସ୍ତଶିଳ୍ପ ପ୍ରଦର୍ଶନୀ ମିନା ବଜାର, ବିଭିନ୍ନ ପ୍ରକାରର ଦୋଳି ଆଦି ମେଳା ବୁଲିବାକୁ ଆସୁଥିବା ଦର୍ଶକଙ୍କ ମନକୁ ଛୁଇଁଥିଲା। ମେଳଣ କମିଟି ଆବାହକ ମିହିର ପ୍ରତାପ ଦାସ, ସମ୍ପାଦକ ସଚ୍ଚିଦାନନ୍ଦ ସାମନ୍ତରାୟ, କୋଷାଧ୍ୟକ୍ଷ ସନ୍ତୋଷ କୁମାର ମହାନ୍ତି, ବ୍ଲକ ଅଧ୍ୟକ୍ଷ ଭାଗ୍ୟଧର ମଲ୍ଲିକ, ସରପଞ୍ଚ ନୟନା ବେହେରା, ସାମାଜିକ କର୍ମୀ ମାଧବାନନ୍ଦ ମହାପାତ୍ର, ପ୍ରିୟନାଥ ପୃଷ୍ଟି, ମହେଶ୍ୱର ଓଝା, ସୁଧାଂଶୁ କୁମାର ପ୍ରହରାଜ, ରବୀନ୍ଦ୍ର ସାହୁ, ବ୍ରହ୍ମାନନ୍ଦ ନାୟକ, ଶ୍ରୀକାନ୍ତ କୁମାର ପ୍ରହରାଜ, ରାମଚନ୍ଦ୍ର ପାତ୍ରଙ୍କ ସମେତ ମେଳଣ କମିଟିର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ବୈରୀ ଥାନା ଓ ଛତିଆ ବିଟ୍ ହାଉସ୍ ପୋଲିସ୍ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ପୋଲିସ୍ ଫୋର୍ସ ମୁତୟନ କରାଯାଇଥିଲା।

### ଗଡ଼ମଧୁପୁର ମା' ମଙ୍ଗଳା ଯଜ୍ଞ ଉଦ୍‌ଯାପିତ

ଚଢ଼େଇଧରା, ୧୮।୩ (ଡି.ଏନ୍.ଏ.)
ଧର୍ମଶାଳା ବ୍ଲକ ଅନ୍ତର୍ଗତ ମଧୁପୁରଗଡ଼ସ୍ଥିତ ମା' ମଙ୍ଗଳାଙ୍କ ବାର୍ଷିକ ଯଜ୍ଞୋତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ସୋମବାର ଶୁଭାଧିବାସ, ସୂର୍ଯ୍ୟପୂଜା ଓ ଗୋ-ପୂଜା ପରେ ଯଜ୍ଞ ଆରମ୍ଭ ହୋଇଥିଲା। ଏହି ଅବସରରେ ମା' ମଙ୍ଗଳାଙ୍କ ମନ୍ଦିରକୁ ରଙ୍ଗିନ ଆଲୋକମାଳାରେ ସଜ୍ଜିତ କରାଯାଇଥିଲା। ପ୍ରତିଦିନ ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ଭଜନ ସନ୍ଧ୍ୟା, ଘୋଡା ନାଚ ଏବଂ ଆଖପାଖ ଗ୍ରାମର ପିଲାମାନଙ୍କୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଥିଲା। ଯଜ୍ଞର ପାଞ୍ଚ ଦିନ ଗ୍ରାମରେ ଆମିଷ ନିଷେଧ କରିବା ସହ ସୂର୍ଯ୍ୟାସ୍ତ ପରେ ପାକ ନିଷେଧକୁ ପାଳନ କରାଯାଇଥିଲା। ଗ୍ରାମବାସୀଙ୍କ ପୂର୍ଣ୍ଣ ସହଯୋଗ ସହ ଯଜ୍ଞର ମୁଖ୍ୟ ପୂଜକ ଦାମୋଦର ରଥ, ହରିହର ମିଶ୍ର, ପ୍ରସନ୍ନ ମିଶ୍ର, ନିର୍ମଳ ରଥଙ୍କ ସହଯୋଗରେ ଯଜ୍ଞ ଉତ୍ସୋବଟି ସମାପନ ହୋଇଛି।

## 'ପ୍ରଯୁକ୍ତି ବିଦ୍ୟା ଦ୍ୱାରା ଛାତ୍ରୀଛାତ୍ରଙ୍କ ନିଯୁକ୍ତି ସମ୍ଭବ'

ବାଲିଚନ୍ଦ୍ରପୁର, ୧୮।୩(ସ୍ୱ.ପ୍ର.)

ଓଡ଼ିଶା ନଲେଜ କର୍ପୋରେଶନ ଲିମିଟେଡ (ଓକେସିଏଲ)ର ପରିଚାଳନା ନିର୍ଦ୍ଦେଶକ ମନୋରଞ୍ଜନ ପୋଥାଳ ଶନିବାର ଯାଜପୁର ଜିଲା ଗସ୍ତରେ ଆସି ବାଲିଚନ୍ଦ୍ରପୁର ଉପଖଣ୍ଡସ୍ଥିତ ବାଳିକା ଉଚ୍ଚ ବିଦ୍ୟାଳୟ ନିକଟ ଏ ୱାନ୍ କମ୍ପ୍ୟୁଟର ତାଲିମ୍ କେନ୍ଦ୍ରରେ ପ୍ରଯୁକ୍ତି ବିଦ୍ୟା ସମ୍ବନ୍ଧୀୟ ପ୍ରଶିକ୍ଷଣ ଦେଇଥିଲେ। ସମ୍ପ୍ରତି ପ୍ରଯୁକ୍ତି ବିଦ୍ୟାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇ ଏକବିଂଶ ଶତାବ୍ଦୀରେ ଏହାର ଏକାନ୍ତ ଆବଶ୍ୟକତା ରହିଛି ବୋଲି କହିଥିଲେ। ମାଟ୍ରିକ୍ ଏବଂ ଯୁକ୍ତ ୨ ପରୀକ୍ଷା ପରେ ଛାତ୍ରୀଛାତ୍ର ସମୟର ଠିକ୍ ଉପଯୋଗ କରି ପ୍ରଯୁକ୍ତି ବିଦ୍ୟା ମାଧ୍ୟମରେ ନିଜର ଉଜ୍ଜଳ ଭବିଷ୍ୟତ ଗଠନ କରିପାରିବେ ବୋଲି ପୋଥାଳ ଉପସ୍ଥିତ ବିଦ୍ୟାର୍ଥୀଙ୍କୁ ପରାମର୍ଶ ଦେଇଥିଲେ। ଓକେସିଏଲ ଛାତ୍ରୀଛାତ୍ରଙ୍କୁ ଉନ୍ନତମାନର ଅନ୍ତର୍ଜାତୀୟ ଜ୍ଞାନ କୌଶଳ ଯୋଗାଇଦେବା ପାଇଁ ପ୍ରଚେଷ୍ଟା ଜାରି ରଖିଛନ୍ତି। ତେଣୁ ଯୁବପିଢ଼ି ଏହାର ତାଲିମ ନେବା ଦ୍ୱାରା ନିଯୁକ୍ତି କ୍ଷେତ୍ରରେ ବିଶେଷ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯାଜପୁର ଜିଲା ଡିଏଲ୍‌ସି ରଶ୍ମିରଞ୍ଜନ ପତି, ବାଲିଚନ୍ଦ୍ରପୁର ତାଲିମ କେନ୍ଦ୍ରର ପରିଚାଳକ ପାର୍ଥ ସାରଥୀ ମହାନ୍ତି, ସ୍ଥାନୀୟ ସରପଞ୍ଚ ଫଣୀନ୍ଦ୍ରନାଥ ପଣ୍ଡା, ନୋଡାଲ ସ୍କୁଲର କମ୍ପ୍ୟୁଟର ଶିକ୍ଷକ ଉଗ୍ରସେନ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିବାବେଳେ ଅଭିଭାବକ ଡାକ୍ତର ହେମନ୍ତ ବିଶ୍ୱାଳ, ପ୍ରଦୀପ୍ତ ମହାନ୍ତି, ଅମୂଲ୍ୟ କୁମାର ଜେନାଙ୍କ ସମେତ ବହୁ ବିଦ୍ୟାର୍ଥୀ ଯୋଗ ଦେଇଥିଲେ।

# ହକ୍ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମ ଆରମ୍ଭ

କୋରେଇ, ୧୮।୩(ସ୍ୱ.ପ୍ର.)

କୋରେଇ ନିର୍ବାଚନମଣ୍ଡଳୀର ଷଠିପୁରସ୍ଥିତ ବିବିଡି କଲ୍ୟାଣ ମଣ୍ଡପଠାରେ ସୋମବାର ବିଜେଡିର ହକ୍ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ଏଥିରେ ଯାଜପୁର ଜିଲା ଯୁବ ବିଜେଡି ସଭାପତି ପ୍ରତାପ ମହାନ୍ତି ସଭାପତିତ୍ୱ କରିଥିଲେ। ଜିଲା ସାଧାରଣ ସମ୍ପାଦକ ହିତିଶ ନାୟକ ଯୋଗଦେଇ ଓଡ଼ିଶା ପ୍ରତି କେନ୍ଦ୍ର ସରକାରଙ୍କ ବୈମାତୃକ ମନୋଭାବ ଓ ପ୍ରତାରଣା ବିରୋଧରେ ୧୧ ଗୋଟି ଅଭିଯୋଗ ଯଥା- ସ୍ୱତନ୍ତ୍ର ପାହ୍ୟା ମାନ୍ୟତା, ନିଯୁକ୍ତି, ଜାତୀୟ ରାଜପଥ, ଟେଲିକମ, ରେଳବାଇ, ବ୍ୟାଙ୍କ ସେବା, ଉଜ୍ଜ୍ୱଳା ଯୋଜନା ଆଦି ରାଜ୍ୟରେ ଫେଲ ମାରିଛି ବୋଲି କହିଥିଲେ। ଧାନର ଠିକ୍ ମୂଲ୍ୟ ନ ମିଳିବାରୁ ଚାଷୀ ଆତ୍ମହତ୍ୟା କରିବା, ଜନଜାତି ଛାତ୍ରୀଛାତ୍ରଙ୍କୁ ଭତ୍ତା ନ ମିଳିବା ଆଦି ସମସ୍ୟାକୁ ନେଇ ଯୁବ ଓ ଛାତ୍ର ବିଜେଡି ହକ୍ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମ ଜରିଆରେ ଯାଜପୁର ଜିଲାର ୩୯ ଜୋନ୍ ଓ ୨ ମ୍ୟୁନିସିପାଲିଟିରେ ଆଗାମୀ ଦିନରେ ପଥପ୍ରାନ୍ତ ସଭା ଜରିଆରେ ଲୋକଙ୍କୁ ସଚେତନ କରାଯିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପର୍ଯ୍ୟବେକ୍ଷକ ଜନସନ ମହାପାତ୍ର, ଯାଜପୁର ନିର୍ବାଚନମଣ୍ଡଳୀ ସଭାପତି ପାର୍ଥ ସାରଥି ନାୟକ, ଯାଜପୁର ଜିଲା ଛାତ୍ର ସଭାପତି ମିଳନ ସନ୍ଦିବିଗ୍ରହ, କୋରେଇ ବିଜେଡି ସଭାପତି ପ୍ରଶାନ୍ତ ମହାପାତ୍ର, ବରୁଣ୍ଡେଇ ସରପଞ୍ଚ ସୌଭାଗ୍ୟ ମହାନ୍ତି ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ଅନୁପସ୍ଥିତ ଥିବାବେଳେ ତାଙ୍କ ସମର୍ଥକଙ୍କୁ ମଧ୍ୟ ଦେଖିବାକୁ ମିଳି ନ ଥିଲା। ହେଲେ ବିଧାୟକଙ୍କୁ ବିରୋଧ କରୁଥିବା ଦଳର ଅନ୍ୟ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ମୁଖ୍ୟ ଭୂମିକା ତୁଲାଇଥିବା ଦେଖିବାକୁ ମିଳିଥିଲା।

### ଦୁର୍ଘଟଣାରେ ଯୁବକ ଗୁରୁତର

କୋରେଇ, ୧୮।୩(ସ୍ୱ.ପ୍ର.)
କୋରେଇ ଥାନା ଅନ୍ତର୍ଗତ ୨୦ ନଂ. ଜାତୀୟ ରାଜପଥର ଜହ୍ନା ଛକ ନିକଟରେ ସୋମବାର ଏକ ବାଇକ୍ ଧକ୍କାରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ଜହ୍ନା ଗ୍ରାମର ଗଦାଧର ସାହୁ (୪୫)। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଯାଜପୁରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ପଠାଯାଇଛି। ପ୍ରକାଶ ଯେ, ଗଦାଧର ଗ୍ରାମ ଛକରୁ ବାହାରି ରାସ୍ତାପାର ହେଉଥିଲେ। ଯାଜପୁରରୋଡ଼ରୁ ପାଣିକୋଇଲି ଯାଉଥିବା ଏକ ବାଇକ୍ (ଓଆର-୦୪ପି-୭୫୧୯) ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଗଦାଧର ରାସ୍ତା କଡ଼ରେ ଛିଟିକି ପଡିବା ସହ ତାଙ୍କ ମୁଣ୍ଡ ଓ ହାତରେ ଗଭୀର କ୍ଷତ ହୋଇଥିଲା। ବାଇକ୍ ଆରୋହୀ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡ଼ିଛି।

# ଯାଜପୁରରୋଡରେ ୨ ଥାନା ପାଇଁ ଦାବି

ଯାଜପୁରରୋଡ, ୧୮।୩(ନି.ପ୍ର.)

ଦିନକୁ ଦିନ ଯାଜପୁରରୋଡ ସହରର ଲୋକସଂଖ୍ୟା ବୃଦ୍ଧି ପାଉଥିବାବେଳେ କଳିଙ୍ଗନଗର ଶିଳ୍ପାଞ୍ଚଳ ଏହା ଉପରେ ନିର୍ଭର କରୁଛି। ଫଳରେ ସହରର ଟ୍ରାଫିକ୍ ସମସ୍ୟା ବିପର୍ଯ୍ୟସ୍ତ ହୋଇପଡୁଛି। ଏହି ସମସ୍ତ ସମସ୍ୟାର ସମାଧାନ ପାଇଁ ଯାଜପୁରରୋଡକୁ ୨ଟି ଥାନା ଅଧୀନରେ ରଖିବାକୁ ସିପିଆଇଏମ୍ ନେତା ପ୍ରଫୁଲ୍ଲ ନାୟକ ସୋମବାର ପୋଲିସ ମହାନିର୍ଦ୍ଦେଶକ ରାଜେନ୍ଦ୍ର ପ୍ରସାଦ ଶର୍ମାଙ୍କ ନିକଟରେ ଦାବି କରିଛନ୍ତି। ଏହି ସହର ଦେଇ ଯାଇଥିବା ୨୦ନଂ. ଜାତୀୟ ରାଜପଥ ଓ ଦମକଳ କେନ୍ଦ୍ରଠାରୁ ମିଲିଟାରୀ ଛକ ପର୍ଯ୍ୟନ୍ତ ଏବଂ କଳିଙ୍ଗନଗର ରାସ୍ତାର ଚୋରଦା ଛକଠାରୁ ଡୁବୁରୀ ପର୍ଯ୍ୟନ୍ତ ଢେଙ୍କାନାଳ ଜିଲାକୁ ସଂଯୋଗ କରୁଛି। ସହରରେ ଲୁଟ୍ ଓ ରାହାଜାନୀ ବୃଦ୍ଧି ପାଉଛି। ଶ୍ରମ କାର୍ଯ୍ୟାଳୟ, କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ଥିବାରୁ ଅଧିକାଂଶ ସମୟରେ ବିଭିନ୍ନ ସମସ୍ୟା ନେଇ ଧାରଣା, ବିକ୍ଷୋଭ କରାଯାଉଛି। ଏହି ସହରରେ ୨୪ରୁ ଊର୍ଦ୍ଧ୍ୱ ବ୍ୟାଙ୍କ ରହିଛି। ଫଳରେ ଆଇନ ଶୃଙ୍ଖଳା ପାଇଁ ପୋଲିସର ଆବଶ୍ୟକତା ପଡୁଛି। ଯାଜପୁରରୋଡ ଥାନାକୁ ଆଦର୍ଶ ଥାନାରେ ପରିଣତ କରାଯାଇଥିଲେ ମଧ୍ୟ ଏହା ସହରର ମୁଖ୍ୟ କେନ୍ଦ୍ରଠାରୁ ୩ କି.ମି. ଦୂରରେ ରହିଛି। ଲୋକସଂଖ୍ୟା ଦୃଷ୍ଟିରୁ ମୁଣ୍ଡମାଳ ନଚେତ ମହିଳା ମହାବିଦ୍ୟାଳୟ ଓ ପୋଲିସ ବିଟ ହାଉସ ନିକଟରେ ଆଉ ଏକ ନୂତନ ଥାନା କରିବା ପାଇଁ ଦାବି ହେଉଛି। ଯାଜପୁରରୋଡ ଥାନାକୁ ଆଦର୍ଶ ଥାନାର ମାନ୍ୟତା ଦିଆଯାଇଥିଲେ ମଧ୍ୟ ଆବଶ୍ୟକ ଏଏସ୍ଆଇ, ହାବିଲଦାର ଓ କନଷ୍ଟେବଳଙ୍କୁ ନିଯୁକ୍ତି ଦିଆଯାଉନାହିଁ। ତୁରନ୍ତ ଉକ୍ତ ପଦବୀ ପୂରଣ କରିବା ପାଇଁ ଦାବି ହେଉଛି।

# ଉଠାଜଳସେଚନ ନିଗମ କର୍ମଚାରୀଙ୍କ କାର୍ଯ୍ୟକାରୀ ବୈଠକ

ଯାଜପୁରରୋଡ, ୧୮।୩(ନି.ପ୍ର.)

ଦଳାସ୍ଥିତ କର୍ମଚାରୀ ସଂଘ ଗୃହରେ ରବିବାର ପୂର୍ବାହ୍ନରେ ରାଜ୍ୟ ଉଠାଜଳସେଚନ ନିଗମ କର୍ମଚାରୀଙ୍କ କାର୍ଯ୍ୟକାରୀ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ଉପସଭାପତି ତଥା ରାଜ୍ୟ ଏଆଇଟିୟୁସିର ସମ୍ପାଦକ ସୌରୀବନ୍ଧୁ କର ଅଧ୍ୟକ୍ଷତା କରିଥିଲେ। ସାଧାରଣ ସମ୍ପାଦକ ଗୌରାଙ୍ଗ ପାଣିଗ୍ରାହୀ ବୈଠକରେ ଆଲୋଚନାର ବିଷୟ ଆଗତ କରିଥିଲେ। ନିଗମରୁ ଅବସର ନେଇଥିବା ପ୍ରାୟ ୪ ହଜାର କର୍ମଚାରୀଙ୍କୁ ଅଦ୍ୟାବଧି ପେନସନ ଦିଆଯାଇନାହିଁ। ୨୦୦୩ରୁ ଅବସର ନେଇଥିବା କେତେଜଣ କର୍ମଚାରୀଙ୍କୁ ଗତ ୧୫ବର୍ଷ ମଧ୍ୟରେ ପେନସନ୍ ଦିଆଯାଇନାହିଁ। ନିଗମ କର୍ତ୍ତୃପକ୍ଷ ସମସ୍ତ ଆଇନ୍ ଉଲ୍ଲଂଘନ କରି ଗତ ୬ ମାସ ତଳେ ସ୍ୱଳ୍ପ ବେତନ ଭୋଗୀ ୩ୟ ଓ ୪ର୍ଥ ଶ୍ରେଣୀର ପ୍ରାୟ ୧୫ ଜଣ କର୍ମଚାରୀଙ୍କୁ ବଦଳି କରିଛନ୍ତି। ବହୁ ନିବେଦନ ପରେ ମଧ୍ୟ ଉକ୍ତ କର୍ମଚାରୀଙ୍କ ବଦଳି ଆଦେଶ ସ୍ଥଗିତ କରାଯାଇନାହିଁ। ନିଗମ କର୍ତ୍ତୃପକ୍ଷ ପାଣି ପଞ୍ଚାୟତ ଯୋଜନାରେ କୃଷକଙ୍କୁ ହସ୍ତାନ୍ତର କରିଥିବା ଅନେକ ପ୍ରକଳ୍ପ ଅଚଳ ହୋଇପଡ଼ିଛି। ଆସନ୍ତା ସାଧାରଣ ନିର୍ବାଚନ ପରେ କୃଷକ ଓ ଶ୍ରମିକଙ୍କୁ ନେଇ ରାଜ୍ୟସ୍ତରରେ ବ୍ୟାପକ ଆନ୍ଦୋଳନ ପାଇଁ ନିଷ୍ପତ୍ତି ନିଆଯାଇଛି। ବିଭିନ୍ନ ଜିଲା ସଂଘର ପ୍ରତିନିଧି ଭାବେ ନିରଞ୍ଜନ ପରିଡ଼ା, ସୁବାସ ଚନ୍ଦ୍ର ମଲ୍ଲ, ରମେଶ ସାହୁ, ଉପେନ୍ଦ୍ର ପରିଡ଼ା, ଶ୍ୟାମସୁନ୍ଦର ଜେନା, କୁଳମଣି ସାମଲ, ପିତାମ୍ବର ମହାନ୍ତି ଓ ଏଆଇଟିୟୁସିର ଯାଜପୁର ଜିଲା ସମ୍ପାଦକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଅମୂଲ୍ୟ ବଳ ଧନ୍ୟବାଦ ଦେଇଥିଲେ।

# ଅନ୍ୟ ଦଳ ନେତାଙ୍କ ଉପରେ ବିଜେଡି ଆଖି

ଯାଜପୁର ଅଫିସ /ବରୀ (ସ୍ୱ.ପ୍ର.), ୧୮।୩

**ବରୀ ନିର୍ବାଚନମଣ୍ଡଳୀ**

ଯାଜପୁର ବରୀ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଏଯାଏ କୌଣସି ମହିଳା ପ୍ରାର୍ଥୀ ବିଜୟୀ ହୋଇପାରି ନାହାନ୍ତି। ଚଳିତ ନିର୍ବାଚନରେ ବିଜେଡିରୁ ସୁଲୋଚନା ଦାସ, ସୁଲତା ଦେଓ ଟିକେଟ ଦୌଡ଼ରେ ରହିଛନ୍ତି। କିନ୍ତୁ ନବୀନ ହାୱା ସତ୍ତ୍ୱେ ଏହି ପ୍ରମୁଖ ନିର୍ବାଚନ ମଣ୍ଡଳୀ ବରୀରେ ବିଜେଡିର ସ୍ଥିତି ସାମାନ୍ୟ ଦୁର୍ବଳ ରହିଛି। ଗତ ପଞ୍ଚାୟତ ନିର୍ବାଚନରେ ଏଠାରେ ଭାଜପା ସମିତି ଗଠନ କରି ଅଧିକ ଶକ୍ତିଶାଳୀ ହୋଇଛି। ଏଭଳି ସ୍ଥିତିରେ ଭାଜପାକୁ ମାତ ଦେବାକୁ ଭାଜପା ସମର୍ଥିତ ଅଧ୍ୟକ୍ଷାଙ୍କୁ ଆମଦାନି କରିବାକୁ ବିଜେଡି ଏକ ରଣନୀତି ପ୍ରସ୍ତୁତ କରୁଥିବା ଚର୍ଚ୍ଚା ହେଉଛି। ବିଜେଡି ଏଠାରେ ନେତା ଖୋଜି ପାଉନି। କେତେଜଣ ଅସନ୍ତୁଷ୍ଟ ବରିଷ୍ଠ କର୍ମୀ ଦଳ ଭିତରେ ଥିଲେ ସୁଦ୍ଧା ଆନ୍ତରିକତା ଦେଖାଉ ନ ଥିବା ଭଳି ମନେହେଉଛି। ଏଭଳିସ୍ଥିତିରେ ଦଳ ଏଠାରେ କିଭଳି ନିର୍ବାଚନ ବୈତରଣୀ ପାରିହେବ ତାହା ଚର୍ଚ୍ଚାର ବିଷୟ ହୋଇଛି। ଯାଜପୁର ଜିଲା ବରୀ ନିର୍ବାଚନ ମଣ୍ଡଳୀର ସୀମା ପୁନଃନିର୍ଦ୍ଧାରଣ ପରେ ପରିବର୍ତ୍ତିତ ରୂପରେଖରେ ୪ର୍ଥ ଥର ନିର୍ବାଚନ ହେବାକୁ ଯାଉଛି। ୨୦୦୪ରେ ବରୀ ବ୍ଲକର ସମସ୍ତ ୨୯ଟି ପଞ୍ଚାୟତ, ରସୁଲପୁର ବ୍ଲକର ୧୦ ଓ ଯାଜପୁର ବ୍ଲକର ୮ଟି ଗ୍ରାମ ପଞ୍ଚାୟତକୁ ନେଇ ବରୀ ନିର୍ବାଚନ ମଣ୍ଡଳୀ ପୁର୍ନଗଠିତ ହୋଇଛି। ପ୍ରତିବର୍ଷ ବନ୍ୟା ଯୋଗୁ ଏହି ନିର୍ବାଚନ ମଣ୍ଡଳୀର ପ୍ରାୟ ୮୦ ହଜାର ପରିବାର ପ୍ରଭାବିତ ହେଉଛନ୍ତି। ପ୍ରାୟ ୧୪ ହଜାର ହେକ୍ଟର ଚାଷଜମି କ୍ଷତିଗ୍ରସ୍ତ ହେଉଥିବାବେଳେ ଚାଷୀ ଅଭାବି ବିକ୍ରିର ଶିକାର ହୋଇଆସୁଛନ୍ତି। ତେଣୁ ଦଳୀୟ ସାଂଗଠନିକ ସ୍ଥିତି ଓ ଜନସମର୍ଥନର ପୃଷ୍ଠଭୂମି ସହ ଚାଷୀ ଓ ବନ୍ୟା ସଂକ୍ରାନ୍ତରୀୟ ବିଷୟ ନିର୍ବାଚନକୁ ପ୍ରଭାବିତ କରିବ ବୋଲି ମତପ୍ରକାଶ ପାଇଛି। ୨୦୧୪ ସାଧାରଣ ନିର୍ବାଚନରେ ଶାସକ ବିଜେଡିର ଦେବାଶିଷ ନାୟକ ୫୯,୮୦୦ ଓ ସ୍ୱାଧୀନ ପ୍ରାର୍ଥୀ ତଥା ଏବେ ଭାଜପା ନେତା ବିଶ୍ୱରଞ୍ଜନ ମଲ୍ଲିକ ୫୨,୬୨୭ ଭୋଟ ପାଇଥିଲେ। ନାୟକ ମାତ୍ର ୭,୬୮୨ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ। ଏହି ୫ବର୍ଷ ମଧ୍ୟରେ ବରୀ ନିର୍ବାଚନ ମଣ୍ଡଳୀର ବିଭିନ୍ନ ଦଳୀୟ ସ୍ଥିତିରେ ବହୁ ପରିବର୍ତ୍ତନ ହୋଇଛି। ଗତ ନିର୍ବାଚନରେ ଟକ୍କର ଦେଇଥିବା ବିଶ୍ୱରଞ୍ଜନ ସ୍ୱାଧୀନରୁ ଭାଜପାରେ ଯୋଗ ଦେଇଛନ୍ତି। ଗତ ପଞ୍ଚାୟତ ନିର୍ବାଚନରେ ୨୯ରୁ ୨୧ଟି ପଞ୍ଚାୟତର ସମିତି ସଭ୍ୟ ପଦବୀ ହାସଲ କରି ଭାଜପା ଦଳ ସମର୍ଥିତ ସମିତି ଗଠନ ସମ୍ଭବ ହୋଇପାରିଛି। ଯାହାକି ଏଠାରେ ବିଜେଡିକୁ ଶକ୍ତ ଧକ୍କା ଲାଗିଛି। ଦୁଇ ଦଶନ୍ଧି ଧରି ଲଗାତାର ବିଜୟୀ ହୋଇ ଆସିଥିବା ନାୟକ ଲୋକଙ୍କ ସହ ସୁସମ୍ପର୍କ ରଖିବାରେ ବିଫଳ ହୋଇଥିବା କୁହାଯାଉଛି। ଏପରିକି ବନ୍ୟା ଦାଉରୁ ଲୋକଙ୍କୁ ଉଦ୍ଧାର କରିବାରେ ବିଫଳ ହେବା ସହ ଏବେ ଗମନାଗମନ, ଶିକ୍ଷା, ସ୍ୱାସ୍ଥ୍ୟ ଆଦି ମୌଳିକ ସମସ୍ୟା ଅସମାହିତ ରହିଛି। ଫଳରେ ବିଧାୟକ ନାୟକଙ୍କ ବଦଳରେ ଜଣେ ମହିଳା ପ୍ରାର୍ଥୀଙ୍କୁ ଏଠାରେ ଛିଡା କରାଇବାକୁ ଯୋଜନା କରାଯାଉଥିବା ଆଲୋଚନା ହେଉଛି। ଏହାବାଦ ଚାଷୀ ଓ ଯୁବବର୍ଗଙ୍କୁ ଏକତ୍ରିତ କରିପାରିଥିବା ଛାତ୍ର ନେତା ମନୋଜ ନାୟକ ମଧ୍ୟ ବିଜେଡି ଟିକେଟ ଦୌଡରେ ରହିଛନ୍ତି। ରାଜ୍ୟ ରାଜନୀତିରେ ଦଳ ବଦଳ ପ୍ରକ୍ରିୟା ଜାରି ରହିଥିଲାବେଳ ବରୀରେ ଏହାର ପ୍ରଭାବ ପଡିପାରେ ବୋଲି ଜଣାପଡିଛି। ଗତ ନିର୍ବାଚନ ଫଳାଫଳ ଏବଂ ଭାଜପାର ଲୋକପ୍ରିୟତାକୁ ଭୟ କରି ବରୀ ସମିତି ଅଧ୍ୟକ୍ଷାଙ୍କ ସ୍ୱାମୀ ଦେବେନ୍ଦ୍ର ଦାସଙ୍କୁ ରାଜ୍ୟ ବିଜେଡି ଶିବିରକୁ ଡକାଯାଇ ଚର୍ଚ୍ଚା ଏବେ ଜୋର ଧରିଛି। ଦେବେନ୍ଦ୍ର ପୂର୍ବରୁ ବିଜେଡିର ଜଣେ ସକ୍ରିୟ କର୍ମୀ ଥିଲେ। ପରେ ଭାଜପାରେ ଯୋଗଦେଇ ଜିଲା ପରିଷଦ ସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ। ଏହାସହ ସରପଞ୍ଚ, ସମିତିସଭ୍ୟ ଭାବେ ମଧ୍ୟ ଅତୀତରେ ନିର୍ବାଚିତ ହୋଇଛନ୍ତି। ତାଙ୍କ ସ୍ତ୍ରୀ ସୁନନ୍ଦା ବ୍ଲକ ଅଧ୍ୟକ୍ଷା ରହିଥିବାରୁ ତାଙ୍କ ହାତରେ ସଂଗଠନ ମଧ୍ୟ ବେଶ ସୁଦୃଢ଼ ରହିଛି। ତେଣୁ ତାଙ୍କୁ ବିଜେଡିକୁ ପୁଣି ଫେରାଇ ନେବାକୁ ଦଳୀୟ ନେତାମାନେ ତାଙ୍କ ପଛରେ ଲାଗି ପଡିଥିବା ଚର୍ଚ୍ଚା ହେଉଛି। ଏବେ ପୁଣି ଭାଜପାରୁ ବିଜେଡିକୁ ଫେରିଯିବା ପାଇଁ ବିଜେଡିର ରାଜ୍ୟସ୍ତରୀୟ ନେତା ଏହି ଯୁବ ନେତାଙ୍କ ପଛରେ ପଡିଯାଇଛନ୍ତି।

# ବିଜେଡିର ପ୍ରାର୍ଥୀ ତାଲିକାକୁ ନେଇ ରାଜନୀତି ସରଗରମ

## ଫୁଲବାଣୀରେ ସସ୍‌ପେନ୍ସ, ଏମ୍‌ପି ଆଶାୟୀଙ୍କ ସ୍ୱପ୍ନ ଧୂଳିସାତ୍

**ଫୁଲବାଣୀ ଅଫିସ, ୧୮।୩**

ସବୁ କଳ୍ପନାର ଅନ୍ତ ଘଟାଇ ବିଜେଡି ପ୍ରଥମ ପର୍ଯ୍ୟାୟ ପ୍ରାର୍ଥି ତାଲିକା ଘୋଷଣା କରିଛି । କନ୍ଧମାଳର ୩ ବିଧାନସଭାରୁ ୨ଟିରେ ଏବଂ ଗୋଟିଏ ଲୋକ ସଭା ପାଇଁ ପ୍ରାର୍ଥି ଘୋଷଣା ପରେ ଜିଲାରେ ଏବେ ରାଜନୀତି ସରଗରମ ହୋଇଉଠିଛି । ସେପଟେ ଫୁଲବାଣୀ ବିଧାନସଭା ପ୍ରାର୍ଥି ଘୋଷଣା ହୋଇ ନ ଥିବାରୁ ଆଶାୟୀଙ୍କ ହୃଦ୍‌ସ୍ପନ୍ଦନ ବଢ଼ିବାରେ ଲାଗିଛି। ଘୋଷିତ ପ୍ରାର୍ଥିଙ୍କୁ ଦେଖି ଭାଜପା ଏବଂ କଂଗ୍ରେସ୍ ମହଲ ଆହୁରି ତତ୍ପର ହୋଇଉଠିଛି । ବିଶେଷ କରି ଏମ୍‌ପି ପ୍ରାର୍ଥିତ୍ୱକୁ ନେଇ ଆଲୋଚନା ଜୋର ଧରିଛି। ବିଜେଡି ପକ୍ଷରୁ ଏମ୍‌ପି ପ୍ରାର୍ଥି ହୋଇଥିବା ଅଚ୍ୟୁତ ସାମନ୍ତଙ୍କୁ କଡ଼ା ମୁକାବିଲା କରିବା ପାଇଁ ବିପକ୍ଷ କଂଗ୍ରେସ ଓ ଭାଜପା କାହାକୁ ପ୍ରାର୍ଥି କରିବ ତାହାକୁ ସମସ୍ତେ ଚାହିଁ ବସିଛନ୍ତି। ଅନ୍ୟପକ୍ଷରେ ସ୍ଥାନୀୟ ପ୍ରାର୍ଥିଙ୍କୁ ଅଗ୍ରାଧିକାର ଦେବାକୁ ଦାବି କରି ଆସୁଥିବା ବିଜେଡି ଏମ୍‌ପି ଆଶାୟୀଙ୍କ ସ୍ୱପ୍ନ ଧୂଳିସାତ ହୋଇଛି । ଏକ ପ୍ରକାର ସେମାନଙ୍କ ରାଜନୈତିକ ଭବିଷ୍ୟତ ଶେଷ ହୋଇଛି ବୋଲି ରାଜନୈତିକ ବିଶେଷଜ୍ଞମାନେ ଆଲୋଚନା କରୁଛନ୍ତି ।





ଅଚ୍ୟୁତ୍ ସାମନ୍ତ ଏମ୍‌ପି ପ୍ରାର୍ଥୀ । ସାଲୁଗା ପ୍ରଧାନ ବିଧାୟକ ପ୍ରାର୍ଥୀ । ଚକ୍ରମଣୀ କହଁର ବିଧାୟକ ପ୍ରାର୍ଥୀ ।

ବିଜେଡି ରାଜ୍ୟସଭା ସଦସ୍ୟ ଅଚ୍ୟୁତ ସାମନ୍ତଙ୍କୁ ଚଳିତ ନିର୍ବାଚନରେ କନ୍ଧମାଳର ଏମ୍‌ପି ପ୍ରାର୍ଥି କରିଛି । ଏମ୍‌ପି ପ୍ରାର୍ଥିକୁ ନେଇ କିଛି ଦିନ ହେବ ସବୁ ଦଳରୁ ଏକ ଭିନ୍ନ ସ୍ୱର ଉଠିଥିଲା । ସ୍ଥାନୀୟ ପ୍ରାର୍ଥିଙ୍କୁ ଅଗ୍ରାଧିକାର ଦେବାକୁ ୩ ପ୍ରମୁଖ ଦଳର କାର୍ଯ୍ୟକର୍ତ୍ତାମାନେ ସେମାନଙ୍କ ହାଇକମାଣ୍ଡଙ୍କୁ ଜଣାଇ ଦେଇଥିଲେ । ହେଲେ ବିଜେଡି ସୁପ୍ରିମୋ ଏହାକୁ ଖାତିର ନ କରି ପୁଣି ପୂର୍ବ ଧାରାକୁ ବଜାୟ ରଖିଛନ୍ତି। ଜିଲା ବାହାର କଥା ଛାଡ, ଏଥର ବିଜେଡି ନିର୍ବାଚନୀ ମଣ୍ଡଳୀ ବାହାରୁ ଆଣି ପ୍ରାର୍ଥି କରାଇଛି । ଦଳ ଯେଉଁ ରିସ୍କ ନେଇଛି ତାହା ବୁମେରାଂ ସାବ୍ୟସ୍ତ ହୋଇପାରେ ବୋଲି ଏବେଠୁ ଆଲୋଚନା ଜୋର ଧରିଲାଣି। ସେପଟେ ଆଗରେ ମୁହଁ ନ ଖୋଲିଲେ ମଧ୍ୟ ବିଜେଡି କର୍ମକର୍ତ୍ତା ଘଟଣାକୁ ନେଇ ଗୁମ୍ ଖାଉଛନ୍ତି। ସେପଟେ ମୁଖ୍ୟମନ୍ତ୍ରୀଙ୍କ ୩୩ ପ୍ରତିଶତ ମହିଳା କାର୍ଡକୁ ନେଇ ଏମ୍‌ପି ଥିବା ପ୍ରତ୍ୟୁଷା ରାଜେଶ୍ୱରୀ ସିଂଙ୍କୁ ପୁଣି ପ୍ରାର୍ଥି କରାଯିବ ବୋଲି ଦଳୀୟ ମହଲରେ ଯେଉଁ ଆଲୋଚନା ହେଉଥିଲା ସେଥିରେ ପୂର୍ଣ୍ଣଛେଦ ପଡିଛି । ଶେଷରେ ପ୍ରତ୍ୟୁଷା ହତାଶ ହୋଇଛନ୍ତି । ଏମିତି ବି ଦଳ ପକ୍ଷରୁ ତାଙ୍କୁ ପ୍ରାର୍ଥି କରା ନ ଯାଉ ବୋଲି ପୂର୍ବରୁ ମଧ୍ୟ ବିରୋଧ କରାଯାଉଥିଲା । ଏହି ବିରୋଧକୁ ଆଧାର କରି ସ୍ଥାନୀୟ ପ୍ରାର୍ଥିତ୍ୱର ରଚନା କରଯାଇଥିଲା । ହେଲେ ଶେଷରେ ସବୁ ସ୍ଥାନୀୟଙ୍କ ଆଶା ଆଶାରେ ହିଁ ରହିଗଲା । ତମାମ ଘଟଣାକୁ ବିଚାରକୁ ନେଲେ ବିଜେଡିରେ ଅନ୍ତଃକନ୍ଦଳ ସୃଷ୍ଟି ହେବା ସ୍ୱାଭାବିକ । ଏହାର ଫାଇଦା ବିପକ୍ଷ କଂଗ୍ରେସ, ଭାଜପା ମଧ୍ୟ ଉଠାଇ ପାରେ । ହେଲେ ଏହି ଦଳ କାହାକୁ ପ୍ରାର୍ଥି କରୁଛି ତାହା ହିଁ ସବୁଠୁ ବଡ ବିଷୟ ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି ।

ବିଜେଡି ଜି.ଉଦୟଗିରି ନିର୍ବାଚନ ମଣ୍ଡଳୀରେ ପୂର୍ବତନ ବିଧାୟକ ସାଲୁଗା ପ୍ରଧାନଙ୍କୁ ପ୍ରାର୍ଥି କରିଛି । ସେ ୨୦୦୦ ସାଧାରଣ ନିର୍ବାଚନରେ ବିଜେଡି ପକ୍ଷରୁ ନିର୍ବାଚନ ଲଢ଼ି ବିଧାୟକ ହୋଇଥିଲେ । ହେଲେ ୨୦୦୪ରେ ହାରି ଯାଇଥିଲେ। ଏଥର ପୁଣି ନିର୍ବାଚନ ଲଢୁଥିବାରୁ ତାଙ୍କ ସମର୍ଥକଙ୍କ ମହଲରେ ଖୁସିର ବାତାବରଣ ଖେଳି ଯାଇଛି । ସେପଟେ ବାଲିଗୁଡା ନିର୍ବାଚନ ମଣ୍ଡଳୀରେ ପରିବର୍ତ୍ତନ ହୋଇଛି। ବିଧାୟକ ରାଜୀବ ପାତ୍ରଙ୍କ ଉପରେ ଦଳ ଭରଷା ନ କରି କ.ନୂଆଗାଁ ବ୍ଲକ ଅଧ୍ୟକ୍ଷ ଚକ୍ରମଣୀ କହଁରଙ୍କୁ ପ୍ରାର୍ଥି କରିଛି। ୨୦୧୭ରେ ଚକ୍ରମଣୀ ଶିକ୍ଷକତା ଛାଡି ସାଇନପଡା ପଞ୍ଚାୟତରୁ ସମିତି ସଭ୍ୟ ଭାବେ ଜିତି ବ୍ଲକ ଅଧ୍ୟକ୍ଷ ହୋଇଥିଲେ ।

### ଫୁଲବାଣୀକୁ ନେଇ ସସ୍‌ପେନ୍ସ

ଜିଲାର ପ୍ରମୁଖ ନିର୍ବାଚନମଣ୍ଡଳୀ ଫୁଲବାଣୀରେ ବିଜେଡି କାହାକୁ ପ୍ରାର୍ଥି କରିବ ତାହାକୁ ନେଇ ଦଳ ଏବଂ ଆଶାୟୀ ପ୍ରାର୍ଥିଙ୍କ ମଧ୍ୟରେ ସସ୍‌ପେନ୍ସ ବଢ଼ି ଯାଇଛି। ବିଧାୟକ ଥିବା ଦୁଗୁନୀ କହଁରଙ୍କୁ ଦଳ ପୁଣି ପ୍ରାର୍ଥି କରିବ କି ନୂଆମୁହଁ ଦେବ ଅବା ମହିଳା କାର୍ଡ ଖେଳିବ କେହି ବି କହି ପାରୁନାହାନ୍ତି । ଯଦି ଦଳ ମହିଳା କାର୍ଡ ଖେଳିବ ତାହାଲେ ମହିଳା ସଭାନେତ୍ରୀ ଅନୀମା କହଁର ପ୍ରାର୍ଥି ହେବାର ସମ୍ଭାବନା ରହିଛି । ନିର୍ଭର ଯୋଗ୍ୟ ସୁତ୍ରରୁ ମିଳିଥିବା ଖବର ଅନୁସାରେ ଦୁଗୁନୀ କହଁର ଓ ଉମା ଚରଣ ମଲ୍ଲିକ ପ୍ରାର୍ଥି ଦୌଡରେ ରହିଛନ୍ତି ।

## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣାରେ ଚାଳକ ମୃତ

**ଛତ୍ରପୁର,୧୮।୩(ଡି.ଏନ୍.ଏ.):** ଛତ୍ରପୁର ଥାନା ବାଲିବଗଡ଼ ନିକଟ ଏକ କଲଭର୍ଟକୁ ଧକ୍କା ଦେଇ ସୋମବାର ରାତିରେ ବାଇକ୍ ଦୁର୍ଘଟଣାରେ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଛତ୍ରପୁର ଥାନା ହଂସପୁର ଗ୍ରାମର ଯୋଗେନ୍ଦ୍ର ସେଠୀ। ଯୋଗେନ୍ଦ୍ର ବାଇକ୍ ଯୋଗେ ଛତ୍ରପୁରକୁ ଆସୁଥିବା ବେଳେ ବାଲିବଗଡ଼ର କଲଭର୍ଟରେ ଧକ୍କା ଦେଇ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଛତ୍ରପୁର ହସ୍ପିଟାଲକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ପାରିକରଙ୍କ ଉଦ୍ଦେଶ୍ୟରେ ଶୋକସଭା



**ଚନ୍ଦ୍ରଗିରି,୧୮।୩(ଡି.ଏନ୍.ଏ.):** ଗୋଆ ମୁଖ୍ୟମନ୍ତ୍ରୀ ମନୋହର ପାରିକରଙ୍କ ରବିବାର ବିୟୋଗରେ ସାରା ଦେଶବାସୀ ଶୋକ ପ୍ରକାଶ କରିଥିଲେ। ସୋମବାର ଅପରାହ୍ନରେ ମୋହନା ବ୍ଲକ ଚନ୍ଦ୍ରଗିରି ଯୁବକ ସଂଘ ଗୃହରେ ପାରିକରଙ୍କ ଆତ୍ମାର ସଦ୍‌ଗତି ପାଇଁ ନିରବ ପ୍ରାର୍ଥନା କରାଯିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ ତଥା ତାଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଛି। ଏଥିରେ ପ୍ରଶାନ୍ତ ମଲିକ, କାମଦେବ ବଡ଼ ନାୟକ, ରମାକାନ୍ତ କାର୍ଯ୍ୟୀ, ରାମଗିରି ଜିଲା ପରିଷଦ ସଭ୍ୟା ସୁପ୍ରଭା ମଣ୍ଡଳ, ବାପୁନୁ ସୁଆର(ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ) ଶିବରାମ ମହାଙ୍କୁଡଙ୍କ ସହ ବହୁ ଭାଜପା କର୍ମୀ ଯୋଗ ଦେଇଥିଲେ।

ପ୍ରାଥମିକ ବିଦ୍ୟାଳୟକୁ ଉ.ପ୍ରା. ମାନ୍ୟତା ଦାବି

### ଦାବି ପୂରଣ ନ ହେଲେ ଭୋଟ ବର୍ଜନ

**ପାରଳାଖେମୁଣ୍ଡି, ୧୮।୩(ସ୍ୱ.ପ୍ର.):** ଗଜପତି ଜିଲା ଗୋଷାଣୀ ବ୍ଲକ ଘରୋଣୀ ପଞ୍ଚାୟତ ମାଖନପଲ୍ଲୀ ଗ୍ରାମର ପ୍ରାଥମିକ ବିଦ୍ୟାଳୟକୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମାନ୍ୟତା ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ଗ୍ରାମବାସୀ ସୋମବାର ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଛନ୍ତି। ଦାବି ପୂରଣ ନ ହେଲେ ଭୋଟ ବର୍ଜନ କରିବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଜିଲା ଶିକ୍ଷାଧିକାରୀ ପ୍ରଦୀପ କୁମାର ନାଗଙ୍କୁ ଦେଇଥିବା ପତ୍ରରେ ଗ୍ରାମବାସୀ ଉଲ୍ଲେଖ କରିଛନ୍ତି ଯେ, ମାଖନପଲ୍ଲୀ, କୁଜୁଣୀ, ଦାମପୁର, କନ୍ହେଇପଦର ଇତ୍ୟାଦି ଗ୍ରାମରେ ସରକାରଙ୍କ ନୂତନ ନିୟମ ଅନୁଯାୟୀ ପ୍ରାଥମିକ ବିଦ୍ୟାଳୟଗୁଡିକ ବନ୍ଦ କରାଯାଇଛି । କେବଳ ମାଖନପଲ୍ଲୀ ଗ୍ରାମରେ ପ୍ରାଥମିକ ବିଦ୍ୟାଳୟ ରହିଛି । ଏଠାରେ ମୋଟ ୨୦ଜଣ ପିଲା ପଢୁଛନ୍ତି। ଏହି ଅଞ୍ଚଳରୁ ୩୦ରୁ ଉର୍ଦ୍ଧ୍ୱ ପିଲା ୬ଷ୍ଠ ଓ ୭ମ ଶ୍ରେଣୀରେ ପଢିବା ପାଇଁ ଦୈନିକ ପ୍ରାୟ ୫କିମି ବାଟ ଚାଲିଚାଲି ଅନ୍ୟତ୍ର ଯାଉଛନ୍ତି। ଯାହାକି ସେମାନଙ୍କ ପକ୍ଷେ କଷ୍ଟସାଧ ହେଉଛି। ଯଦି ଏହି ବିଦ୍ୟାଳୟକୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପରିଣତ କରାଯାନ୍ତା ତାହାହେଲେ ଗ୍ରାମର ପିଲାମାନେ ଉପକୃତ ହୁଅନ୍ତେ। ଏ ନେଇ ଗ୍ରାମବାସୀ ବାରମ୍ବାର ବ୍ଲକ ଉନ୍ନୟନ ଅଧିକାରୀଙ୍କୁ ଜଣାଇଲେ ମଧ୍ୟ ସୁଫଳ ମିଳିପାରିନାହିଁ । ତେଣୁ ସେମାନେ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିବା ଟି.ଲକ୍ଷ୍ମୀ, ଏନ୍.ଧନଲକ୍ଷ୍ମୀ, ଏନ୍.ବୁଧି. ଏନ୍.କୁମାରୀ ପ୍ରମୁଖ କହିଛନ୍ତି। ଯଦି ଦାବି ପୂରଣ ନ ହୁଏ ତେବେ ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି ।

### ପାରିକରଙ୍କ ବିୟୋଗରେ ଭାଜପାର ଶୋକସଭା



**ଜି.ଉଦୟଗିରି,୧୮।୩(ଡି.ଏନ.ଏ.):** ଜି.ଉଦୟଗିରି ଭାଜପା ପକ୍ଷରୁ ସ୍ଥାନୀୟ ବ୍ୟବସାୟୀ ସଂଘ କାର୍ଯ୍ୟାଳୟରେ ଗୋଆ ମୁଖ୍ୟମନ୍ତ୍ରୀ ମନୋହର ପାରିକରଙ୍କ ବିୟୋଗରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାରିକରଙ୍କ ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରିଥିଲେ । ଜିଲା ଉପସଭାପତି ମାନ ଗୋବିନ୍ଦ ପ୍ରଧାନ, ଜିଲା କୃଷକ ମୋର୍ଚ୍ଚା ସଭାପତି ଅବନେଶ୍ୱର ପ୍ରଧାନ, ରାଜ୍ୟ ମହିଳା କାର୍ଯ୍ୟକାରିଣୀ ସଭ୍ୟା ସଂଘମିତ୍ରା ପ୍ରଧାନ ଙ୍କ ସମେତ ବହୁ ବରିଷ୍ଠ କର୍ମୀ ଯୋଗ ଦେଇଥିଲେ ।

### ଛୁରି ଭୁସି ହତ୍ୟା ଉଦ୍ୟମ ମାମଲା

## ଅଭିଯୁକ୍ତ ଗଲେ ଜେଲ

**ଦିଗପହଣ୍ଡି,୧୮।୩(ଡି.ଏନ.ଏ.)**

ପାଟପୁର ପୋଲିସ ସୋମବାର ଗୁଣସାଗର ଗ୍ରାମର ଦୀନବନ୍ଧୁ ମହାନ୍ତିଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଶନିବାର ପାରିବାରିକ କଳହକୁ କେନ୍ଦ୍ରକରି ଦୀନବନ୍ଧୁ ତାଙ୍କ ସନ୍ତୁ ଦିବାକର ନାହାକଙ୍କୁ ଛୁରି ଭୁସି ହତ୍ୟା ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ଏ ନେଇ ନଂ. ୬୧/୧୯ରେ ମାମଲା ରୁଜୁ କରି ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି। ଶନିବାର ସନ୍ଧ୍ୟାରେ ଦୀନବନ୍ଧୁ ଗାଁରେ ରହୁଥିବା ତାଙ୍କ ସନ୍ତୁ ଦିବାକରଙ୍କ ଘରକୁ ଯାଇ ତାଙ୍କୁ ଗାଳିଗୁଲଜ କରିଥିଲେ। ପରେ ଏକ ଛୁରିରେ ଦିବାକରଙ୍କ ପେଟ ଓ ଛାତିକୁ ଭୁସିଦେବା ସହ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ ବୋଲି ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଥିବା ଆଇଆଇସି ରମେଶ କୁମାର ପ୍ରଧାନ କହିଛନ୍ତି। ଦିବାକରଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲରେ ସଙ୍କଟାପନ୍ନ ଅବସ୍ଥାରେ ଚିକିତ୍ସା କରାଯାଉଛି। ଦିବାକରଙ୍କ ସ୍ତ୍ରୀ ଇନ୍ଦିରାଙ୍କ ଏତଲାକ୍ରମେ ମକଦ୍ଦମା ରୁଜୁ କରାଯାଇଥିବା ତଦନ୍ତକାରୀ ପୋଲିସ ଅଧିକାରୀ ପ୍ରୀତିମଞ୍ଜରୀ ଗଡ଼ନାୟକ କହିଛନ୍ତି।

### ଆରମ୍ଭ ହେଲା ନାମାଙ୍କନପତ୍ର ଦାଖଲ

## ପ୍ରଥମ ଦିନରେ ମାତ୍ର ଜଣେ

**ବ୍ରହ୍ମପୁର ଅଫିସ/ଛତ୍ରପୁର (ଡି.ଏନ.ଏ.),୧୮।୩**

ପ୍ରଥମ ପର୍ଯ୍ୟାୟରେ ବ୍ରହ୍ମପୁର ଲୋକ ସଭା ଏବଂ ଏହି ଲୋକ ସଭା କ୍ଷେତ୍ରର ୫ ବିଧାନସଭା ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ଏହି ପର୍ଯ୍ୟାୟ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ ସୋମବାର ଠାରୁ ଆରମ୍ଭ ହୋଇଛି। ୨୫ତାରିଖ ପର୍ଯ୍ୟନ୍ତ ଚାଲିବ। ସୋମବାର ପ୍ରଥମ ଦିନରେ ବ୍ରହ୍ମପୁର ବିଧାନସଭା ଆସନ ପାଇଁ ମାତ୍ର ଜଣେ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି । ସେ ହେଲେ ସ୍ୱାଧୀନ ପ୍ରାର୍ଥୀ ସୁମିତ ପାତ୍ର। ସୁମିତ ନିଜ ସମର୍ଥକଙ୍କ ସହ ଖଲ୍ଲିକୋଟ କଲେଜ ନିକଟରୁ ଏକ ପଟୁଆରରେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ନାମାଙ୍କନପତ୍ର ଦାଖଲ କରିଥିଲେ । ନିର୍ବାଚନରେ ବିଜୟୀ ହେଲେ ବ୍ରହ୍ମପୁରର ବିକାଶ ପାଇଁ କାର୍ଯ୍ୟ କରିବି ବୋଲି ପ୍ରକାଶ କରିଥିଲେ । ବ୍ରହ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ୪ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ନାମାଙ୍କନପତ୍ର ଦାଖଲ ହେଉଛି। ସେଗୁଡ଼ିକ ହେଲା ବ୍ରହ୍ମପୁର, ଗୋପାଳପୁର, ଦିଗପହଣ୍ଡି ଏବଂ ସାନଖେମୁଣ୍ଡି। ସାନଖେମୁଣ୍ଡି ନିର୍ବାଚନ ମଣ୍ଡଳୀ ପାଇଁ ବ୍ରହ୍ମପୁର ଅତିରିକ୍ତ ଉପଜିଲାପାଳ ରିଟର୍ନିଂ ଅଫିସର ଦାୟିତ୍ୱରେ ରହିଥିବା ବେଳେ ଗୋପାଳପୁର ଏବଂ ବ୍ରହ୍ମପୁର ନିର୍ବାଚନ ମଣ୍ଡଳୀ ପାଇଁ ବ୍ରହ୍ମପୁର ଉପଜିଲାପାଳ ଏବଂ ଦିଗପହଣ୍ଡି ନିର୍ବାଚନମଣ୍ଡଳୀ ପାଇଁ ବ୍ରହ୍ମପୁର ଅତିରିକ୍ତ ଉପଜିଲାପାଳ ରିଟର୍ନିଂ ଅଫିସର ଦାୟିତ୍ୱରେ ରହିଛନ୍ତି । ତେବେ ବ୍ରହ୍ମପୁର ଲୋକ ସଭା କ୍ଷେତ୍ର ଅଧୀନ ଚିକିଟି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଅତିରିକ୍ତ ଜିଲାପାଳ(ରାଜସ୍ୱ)ଙ୍କୁ ରିଟର୍ନିଂ ଅଫିସର ଦାୟିତ୍ୱ ଦିଆଯାଇଛି ।



ସୁମିତ ପାତ୍ର ନାମାଙ୍କନପତ୍ର ଦାଖଲ କରିବାକୁ ଯାଉଛନ୍ତି ।

**ଦିଗପହଣ୍ଡି, ସାନଖେମୁଣ୍ଡି, ଗୋପାଳପୁର ପାଇଁ କେହି ନାମାଙ୍କନପତ୍ର ଦାଖଲ କଲେନି**

### ଓଡ଼ିଆ ବିଷୟରେ ତାଲିମ

**ପାରଳାଖେମୁଣ୍ଡି, ୧୮।୩(ସ୍ୱ.ପ୍ର.)**

ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନ ଓ କୁସୁମା ଫାଉଣ୍ଡେସନର ମିଳିତ ସହଯୋଗରେ ଗଜପତି ଜିଲା ପାରଳାଖେମୁଣ୍ଡି ସହରସ୍ଥ ମହେନ୍ଦ୍ରଗିରି ପୌର ଉଚ୍ଚ ବିଦ୍ୟାଳୟରେ ଉତ୍କର୍ଷ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷାଧିକାରୀ ପ୍ରଦୀପ କୁମାର ନାଗ ଯୋଗଦେଇଥିଲେ । କେଉଁ ସବୁ ଦିଗ ପ୍ରତି ଧ୍ୟାନଦେଲେ ଛାତ୍ରୀଛାତ୍ରଙ୍କ ଶିକ୍ଷଣୀୟ ଦକ୍ଷତା ସ୍ତର ବୃଦ୍ଧିପାଇବ ଏବଂ ସେମାନେ ଏହି ବିଷୟ ପ୍ରତି ଆଗ୍ରହ ଦେଖାଇବେ ସେ ବିଷୟରେ ବୁଝାଇଥିଲେ। ଏଥିରେ ଗୁମ୍ମା, କାଶୀନଗର ଓ ଗୋଷାଣୀ ବ୍ଲକର ବିଭିନ୍ନ ସରକାରୀ ବିଦ୍ୟାଳୟର ପ୍ରାୟ ୫୦ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଓଡିଆ ବିଷୟରେ ତାଲିମ ଦିଆଯାଇଥିଲା। ତାଲିମଦାତା ଭାବେ ଲକ୍ଷ୍ମଣ ବେହେରା ଓ କେଶବ ବଡଘର ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଜିଲା ବିଜ୍ଞାନ ନିରୀକ୍ଷକ ସାତ୍ତ୍ୱିକ କୁମାର ପଟ୍ଟନାୟକ ଓ ପ୍ରଧାନ ଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀ ଦାସ ପରିଚାଳନା କରିଥିଲେ।

## ବିଜେଡି ପ୍ରାର୍ଥୀ ଘୋଷଣା ପରେ ଆସିକାରେ ପ୍ରତିକ୍ରିୟା

**ଆସିକା,୧୮।୩ (ଡି.ଏନ୍.ଏ.)**

ବିଜେଡି ପକ୍ଷରୁ ଆସିକା ଲୋକସଭା ଆସନ ଲାଗି ପ୍ରମିଳା ବିଷୋୟୀ ଓ ବିଧାନସଭା ଆସନ ଲାଗି ଦିବଙ୍ଗତ ଏମପି ଲଡୁକିଶୋର ସ୍ୱାଇଁଙ୍କ ସ୍ତ୍ରୀ ମଞ୍ଜୁଳା ସ୍ୱାଇଁଙ୍କ ନାମ ଘୋଷଣା କରାଯିବା ପରେ ଆସିକା ଅଞ୍ଚଳରେ କର୍ମୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀ ପରିସରଭୁକ୍ତ ଆସିକା ଏନଏସି, ଆସିକା ବ୍ଲକର ୨୭ ପଞ୍ଚାୟତ ଓ କବିସୂର୍ଯ୍ୟନଗର ବ୍ଲକର ୧୨ ପଞ୍ଚାୟତରୁ କର୍ମୀମାନେ ଅପରାହ୍ନରେ ପୂର୍ବତନ ବିଧାୟକ ଦେବରାଜ ମହାନ୍ତିଙ୍କ ବାସଭବନକୁ ଆସି ଭିଡ ଜମାଇଥିଲେ। ପୂର୍ବରୁ ୩ ଥର ଆସିକା ଆସନରୁ ପ୍ରତିନିଧିତ୍ୱ କରିଥିବା ଦେବରାଜ ମହାନ୍ତିଙ୍କୁ କେଉଁ ଆଧାରରେ ଚଳିତ ଥର ଟିକଟ ପ୍ରଦାନରୁ ବଞ୍ଚିତ କରାଗଲା ତାହା ଜାଣିବା ନିମନ୍ତେ ନବୀନ ନିବାସ ଯାଇ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଭେଟିବାକୁ ସଜବାଜ ହେଉଥିବା ଜଣାଯାଇଛି । ଅନ୍ୟପକ୍ଷରେ ଦେବରାଜ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନରେ ଅବତୀର୍ଣ୍ଣ ହେବା ଲାଗି ସମର୍ଥକଙ୍କ ପକ୍ଷରୁ ଚାପ ପ୍ରୟୋଗ କରାଯାଉଥିବା ଦେଖାଯାଇଛି। ତେବେ କର୍ମୀମାନେ ହତୋତ୍ସାହିତ ନହୋଇ ଦଳୀୟ ଶୃଙ୍ଖଳା ବଜାୟ ରଖିବା ନିମନ୍ତେ ସେ କର୍ମୀମାନଙ୍କୁ ଅନୁରୋଧ କରିଛନ୍ତି। ଅପରପକ୍ଷେ ଗତ ପଞ୍ଚାୟତ ନିର୍ବାଚନ ସମୟରୁ ଆସିକାରେ ଦିବଂଗତ ଏମପି ସ୍ୱାଇଁଙ୍କ ନେତୃତ୍ୱରେ ମୁଣ୍ଡ ଟେକିଥିବା ବିଧାୟକ ବିରୋଧି ମଞ୍ଚ ପକ୍ଷରୁ ସ୍ୱର୍ଗତ ସ୍ୱାଇଁଙ୍କ ସ୍ତ୍ରୀଙ୍କୁ ଦଳୀୟ ଟିକଟ ଦିଆଯାଇଥିବାରୁ ସଂପୃକ୍ତ ଗୋଷ୍ଠୀ ଉତ୍ସାହିତ ହୋଇଛନ୍ତି।

ସେହିପରି ଆସିକା ସଂସଦୀୟ କ୍ଷେତ୍ରରେ ଦଳ ପକ୍ଷରୁ ପ୍ରମିଳା ବିଷୋୟୀଙ୍କ ପ୍ରାର୍ଥୀତ୍ୱ ଘୋଷଣା ସାଧାରଣରେ ବିସ୍ମୟ ସୃଷ୍ଟି କରିଛି । ପୂର୍ବରୁ ସେଭଳି କୌଣସି ଆଖି ଦୃଷ୍ଟିଆ ପରିଚୟ ନ ଥିବା ଏହି ବୟସ୍କା ମହିଳାଙ୍କ ପ୍ରାର୍ଥିତ୍ୱକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ପୂର୍ବରୁ ସ୍ୱର୍ଗତ ବିଜୁ ପଟ୍ଟନାୟକ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବରିଷ୍ଠ କମ୍ୟୁନିଷ୍ଟ ନେତା ଦୂତୀକୃଷ୍ଣ ପଣ୍ଡା, ନିତ୍ୟାନନ୍ଦ ପ୍ରଧାନ, ସର୍ବଭାରତୀୟ ଯୁବ କଂଗ୍ରେସର ସଭାପତି ରାମଚନ୍ଦ୍ର ରଥ, ସ୍ୱର୍ଗତ ହରିହର ସ୍ୱାଇଁ, କୁମୁଦିନୀ ପଟ୍ଟନାୟକଙ୍କ ଭଳି ଶିକ୍ଷିତ ଓ ଦକ୍ଷ ରାଜନୈତିକ ବ୍ୟକ୍ତି ବିଶେଷ ପ୍ରତିନିଧିତ୍ୱ କରି ଆସିଥିବା ଏହି ଆସନ ଲାଗି ଚଳିତଥର ବିଜେଡି ଜଣେ ସ୍ୱଳ୍ପ ଶିକ୍ଷିତା ବୃଦ୍ଧାଙ୍କୁ ପ୍ରାର୍ଥୀ କରିବା ଜନସାଧାରଣଙ୍କ ପାଇଁ ଅପମାନସୂଚକ ବୋଲି ଏମ୍‌ପି ପ୍ରାର୍ଥୀ ଲାଗି ଆବେଦନ କରିଥିବା ଜିଲା ବିଜେଡି କାର୍ଯ୍ୟକର୍ତ୍ତା ମନୋରଞ୍ଜନ ପଣ୍ଡା ମତବ୍ୟକ୍ତ କରିଛନ୍ତି। ଭାଜପାକୁ ସୁହାଇବା ଭଳି ବିଜେଡିର କିଛି ନ୍ୟସ୍ତସ୍ୱାର୍ଥ ନେତା ପ୍ରାର୍ଥୀ ଚୟନରେ ହସ୍ତକ୍ଷେପ କରି ଏପରି କରିଥିବା ସ୍ପଷ୍ଟ ଜଣାପଡୁଛି ବୋଲି ପଣ୍ଡା ଅଭିଯୋଗ କରିଛନ୍ତି। ଜନସାଧାରଣ ଆଗାମୀ ଦିନରେ ଏହାର ଉଚିତ ଜବାବ ଦେବେ ବୋଲି ସେ ସତର୍କ କରାଇଛନ୍ତି।

## ସାଲୁଗାଙ୍କ ପ୍ରାର୍ଥିତ୍ୱ ନେଇ ଜି.ଉଦୟଗିରି, ଦାରିଙ୍ଗବାଡ଼ି କର୍ମୀ ଖୁସି

**ଜି.ଉଦୟଗିରି,୧୮।୩(ଡି.ଏନ.ଏ.)**

ଜି.ଉଦୟଗିରି ବିଧାନସଭା ଆସନ ପାଇଁ ପୂର୍ବତନ ବିଧାୟକ ସାଲୁଗା ପ୍ରଧାନଙ୍କ ନାମ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଘୋଷଣା କରିବା ପରେ ଜି.ଉଦୟଗିରି ଓ ଦାରିଙ୍ଗବାଡିରେ ତାଙ୍କ ସମର୍ଥକମାନେ ବାଣ ଫୁଟାଇ ଖୁସି ମନାଇଛନ୍ତି । ଜି. ଉଦୟଗିରି ପୂର୍ବତନ କାଉନସିଲର ପି. ରାଜା ପାତ୍ରଙ୍କ ସମେତ ବହୁ ନେତା ଓ କର୍ମୀ ଉତ୍ସାହିତ ହୋଇଛନ୍ତି। ସେହିପରି ଦାରିଙ୍ଗବାଡ଼ି, ସିମନବାଡ଼ି, ସାଲୁଗାଙ୍କ ନିଜ ପଞ୍ଚାୟତ ଶ୍ରୀନିକେତା ସମେତ ବ୍ଲକର ୨୫ ପଞ୍ଚାୟତରେ ବିଜେଡି କର୍ମୀଙ୍କ ମଧ୍ୟରେ ଖୁସି ଦେଖାଯାଇଛି। ଦିର୍ଘ ୧୫ ବର୍ଷ ପରେ ପୁଣି ସାଲୁଗାଙ୍କୁ ଦଳୀୟ ଟିକେଟ ଦିଆଯାଇଥିବାରୁ ବିଜେଡି ସମର୍ଥକମାନେ ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କୁ ସାଧୁବାଦ ଜଣାଇଛନ୍ତି। ସିମନବାଡ଼ି ସରପଞ୍ଚ ଅମିତା ପ୍ରଧାନ ସମେତ ତାଙ୍କ ପ୍ରତିନିଧି ପରମେଶ୍ୱର ପ୍ରଧାନ, ରଞ୍ଜନ ଦିଗାଲ, ମନୋବଧ ନାୟକ, ସଂଖ୍ୟାଲଘୁ ସେଲର ସମ୍ପାଦକ ରାମ ନାୟକ, ଦଳର ପୂର୍ବତନ ସଭାପତି ଜ୍ୟୋତିରାଜ ପ୍ରଧାନଙ୍କ ସମେତ ଶତାଧିକ କର୍ମୀ ଉତ୍ସାହିତ ହୋଇଛନ୍ତି। ସୂଚନାଯୋଗ୍ୟ, ସାଲୁଗା ପ୍ରଧାନ ୨୦୦୦ ମସିହାରେ ପ୍ରଥମେ ବିଜେଡିର ପ୍ରାର୍ଥୀ ହୋଇ କଂଗ୍ରେସର ନାଗାର୍ଜୁନ ପ୍ରଧାନଙ୍କୁ ହରାଇ ବିଧାୟକ ହୋଇଥିଲେ। ୨୦୦୪ ମସିହାରେ କଂଗ୍ରେସର ଅଜୟନ୍ତୀ ପ୍ରଧାନଙ୍କ ସହିତ ପ୍ରତିଦ୍ୱନ୍ଦିତା କରି ହାରି ଯାଇଥିଲେ । ପରେ ତାଙ୍କୁ ଟିକେଟ ମିଳିନଥିଲା କି ସେବେଠାରୁ ବିଜେଡିର କୌଣସି ପ୍ରାର୍ଥୀ ବିଜୟୀ ହୋଇ ନଥିଲେ। ସାଲୁଗା ଦାରିଙ୍ଗିବାଡ଼ି ବ୍ଲକର ଅଧ୍ୟକ୍ଷ ମଧ୍ୟ ରହିଥିଲେ। ଜି.ଉଦୟଗିରି ନିର୍ବାଚନ ମଣ୍ଡଳୀର ସମୁଦାୟ ୧,୯୩,୧୮୦ ମତଦାତାଙ୍କ ମଧ୍ୟରୁ ୭୦ ହଜାରରୁ ଅଧିକ ଭୋଟର କେବଳ ଦାରିଙ୍ଗିବାଡ଼ି ବ୍ଲକରେ । ତେଣୁ ବିଜେଡି ଦାରିଙ୍ଗବାଡ଼ି ଭୋଟ ଓ ଅଳ୍ପ ସଂଖ୍ୟକ ଭୋଟକୁ ହାତେଇବା ପାଇଁ ଏହି ରଣନୀତି କରିଥିବା ଆଲୋଚନା ହେଉଛି ।

## ହିଞ୍ଜିଳି ଆସନରୁ ମୁଖ୍ୟମନ୍ତ୍ରୀଙ୍କ ପ୍ରାର୍ଥିତ୍ୱ ଘୋଷଣା

**ହିଞ୍ଜିଳି, ଶେରଗଡ଼ରେ କର୍ମୀ ଉତ୍ସାହିତ**

**ହିଞ୍ଜିଳିକାଟୁ/ଶେରଗଡ଼, ୧୮।୩(ଡି.ଏନ୍.ଏ.)**

ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକ ସୋମବାର ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରିଛନ୍ତି। ୯ ଲୋକସଭା ଏବଂ ୫୪ ବିଧାନସଭା ନିର୍ବାଚନ ମଣ୍ଡଳି ତାଲିକାରେ ହିଞ୍ଜିଳି ଆସନରୁ ୫ମ ଥର ପାଇଁ ନବୀନ ନିର୍ବାଚନ ଲଢ଼ିବେ। ଏଥିସହ ବରଗଡ଼ ଜିଲାର ବିଜେପୁରରୁ ମଧ୍ୟ ପ୍ରାର୍ଥୀ ହେବେ। ଏହି ଘୋଷଣା ପରେ ବିଜେଡ଼ି ଶିବିରରେ ଖୁସି ଦେଖାଦେଇଛି। ତେବେ ୨ଟି ସ୍ଥାନରୁ ନିର୍ବାଚନ ଲଢ଼ିବା ପରେ ବିଜୟୀ ହେଲେ ସେ କେଉଁ ଆସନକୁ ରଖିବେ ତାହା ପ୍ରଶ୍ନବାଚୀ ହୋଇଛି। ଅନ୍ୟପକ୍ଷରେ ଆସିକା ଲୋକସଭା କ୍ଷେତ୍ର ପାଇଁ ଆସିକା ବ୍ଲକ ନଳବଣ୍ଟା ପଞ୍ଚାୟତ ଚେରମାରିଆ ଗ୍ରାମର ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା ପ୍ରମିଳା ବିଶୋୟୀଙ୍କ ନାମ ଘୋଷଣା କରାଯାଇଥିବାରୁ କର୍ମୀ ମହଲରେ ମିଶ୍ରିତ ପ୍ରତିକ୍ରିୟା ପ୍ରକାଶ ପାଇଛି। କିଛି ଆଗ ଧାଡ଼ିର ନେତା ଏମପି ପ୍ରାର୍ଥୀ ଚୟନ ଉପରେ କିଛି ମନ୍ତବ୍ୟ ଦେବାକୁ ମନା କରିଛନ୍ତି।

ସେହିପରି ମୁଖ୍ୟମନ୍ତ୍ରୀଙ୍କ ପ୍ରାର୍ଥିତ୍ୱ ଘୋଷଣା ପରେ ଶେରଗଡସ୍ଥିତ ବିଜେଡି ଦଳୀୟ କାର୍ଯ୍ୟାଳୟରେ ଏକ ମଧ୍ୟ ଖୁସିର ମାହୋଲ ଦେଖାଯାଇଥିଲା। ଏହି ଅବସରରେ ଏକ ପ୍ରଚାର ରଥ ଶୁଭାରମ୍ଭ କରାଯାଇଥିଲା। ଏହି ରଥ ପ୍ରଥମେ ଶେରଗଡ ଓ ପରେ ମହୁପଦର ପଞ୍ଚାୟତକୁ ଯାଇ ନିର୍ବାଚନୀ ପ୍ରଚାର କରିଥିଲା। ପରେ ଦଳୀୟ କାର୍ଯ୍ୟାଳୟ ନିକଟରେ ବାଣ ଫୁଟାଯିବା ସହ ପରସ୍ପରକୁ ମିଠା ଖୁଆଇଥିଲେ। ବରିଷ୍ଠ ନେତା ଶରତ ଚନ୍ଦ୍ରପାତ୍ର, ସନ୍ତୋଷ କୁମାର ପଟ୍ଟନାୟକ, ଜିଲା ପରିଷଦ ସଭ୍ୟ ପ୍ରମୋଦ କୁମାର ପାତ୍ର, ପ୍ରମୋଦ କୁମାର ସାହୁ, ବାବୁଲା କୁମାର ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ ।

### ବୁଢୀଠାକୁରାଣୀ ଯାତ୍ରା ପାଇଁ ପ୍ରଶାସନିକ ପ୍ରସ୍ତୁତି

## ୧୦୦ ମିଟର ମଧ୍ୟରେ ରହିବନି ଉଠାଦୋକାନ

**ବ୍ରହ୍ମପୁର ଅଫିସ,୧୮।୩**

ବ୍ରହ୍ମପୁର ପ୍ରସିଦ୍ଧ ମା' ବୁଢୀଠାକୁରାଣୀ ଯାତ୍ରା ଆସନ୍ତା ୨୯ ରୁ ଆରମ୍ଭ ହେବ । ୩୦ ଦିନ ଧରି ଚାଲିବାକୁ ଥିବା ଏହି ଯାତ୍ରା ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି । ବ୍ରହ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଉପଜିଲାପାଳ ଦିଗନ୍ତ ରାଉତରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଯାତ୍ରାକୁ ଶାନ୍ତିଶୃଙ୍ଖଳା ସହ ସମାପ୍ତ କରାଯିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ୩୦ ଦିନ ଧରି ଚାଲିବାକୁ ଥିବା ଏହି ଯାତ୍ରାରେ ସହସ୍ରାଧିକ ଭକ୍ତଙ୍କ ସମାଗମ ହେବାର ସମ୍ଭାବନା ରହିଛି । ଚଳିତ ବର୍ଷ ଯାତ୍ରା ସମୟରେ ସାଧାରଣ ନିର୍ବାଚନ ଥିବାରୁ ଯାତ୍ରା ପରିଚାଳକଙ୍କ ପକ୍ଷରୁ ଯାତ୍ରାସ୍ଥଳରେ ମାତ୍ରାଧିକ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରିବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା । ଶ୍ରଦ୍ଧାଳୁଙ୍କ ପାଇଁ ଯାତ୍ରାସ୍ଥଳରେ ୧୨ ରୁ ୧୫ ଅସ୍ଥାୟୀ ପାନୀୟ ଜଳ ଟ୍ୟାପ ଲଗାଯିବା, ଅଗ୍ନିନିରାପତ୍ତା ପାଇଁ ଆବଶ୍ୟକ ଅଗ୍ନିଶମ କର୍ମଚାରୀଙ୍କୁ ନିୟୋଜିତ କରାଯିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଯାତ୍ରାରେ ଭିଡକୁ ଦୃଷ୍ଟିରେ ରଖି ଅସ୍ଥାୟୀ ମଣ୍ଡପର ଆଖପାଖ ୧୦୦ ମିଟର ଅଞ୍ଚଳ ମଧ୍ୟରେ ନଡିଆ, କଦଳୀ ଉଠାଦୋକାନୀ ନିଷେଧ କରାଯାଇଥିଲା । ଭକ୍ତଙ୍କ ସୁରକ୍ଷା ପାଇଁ ଆବଶ୍ୟକ ପୋଲିସ ଅଧିକାରୀ, ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିୟୋଜିତ କରାଯିବା ସହ ଯାତ୍ରାସ୍ଥଳରେ ଅଧିକ ସଫେଇ କର୍ମଚାରୀଙ୍କୁ ନିୟୋଜିତ କରାଯିବା, ମହିଳାଙ୍କ ପାଇଁ ଅସ୍ଥାୟୀ ଶୌଚାଳୟ ଓ ପରିସ୍ରାଗାରର କରାଯିବାକୁ ବିଏମ୍‌ସିର ବିଭାଗୀୟ ଅଧିକାରୀଙ୍କୁ କୁହାଯାଇଥିଲା। ବୈଠକରେ ଯାତ୍ରା ପରିଚାଳକ ପି. ଦୁର୍ଗା ପ୍ରସାଦ ଦେଶୀବେହେରା, ଯାତ୍ରା ସଂଯୋଜକ ସତ୍ୟନାରାୟଣ ନନ୍ଦଙ୍କ ସମେତ ବିଏମ୍‌ସିର ନିର୍ବାହୀଯନ୍ତ୍ରୀ ବସନ୍ତ ପାଢୀ, ଟାଉନ ଏସ୍‌ଡିପିଓ ବିଷ୍ଣୁପ୍ରସାଦ ପତି, ବ୍ରହ୍ମପୁର ସହକାରୀ ଅଗ୍ନିଶମ ଅଧିକାରୀ ସନାତନ ମହାପାତ୍ର ଓ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।



ପ୍ରସ୍ତୁତି ବୈଠକରେ ଉପଜିଲାପାଳ, ଯାତ୍ରା ପରିଚାଳକ ଓ ବିଭିନ୍ନ ବିଭାଗୀୟ ଅଧିକାରୀ ।

**ଭଲ୍ୟୁଣ୍ଟିୟର ନିୟୋଜିତ କରିବା ଉପରେ ଗୁରୁତ୍ୱ**



ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଥାଏ।
- ଉତ୍କଳ ଗୌରବ ମଧୁସୂଦନ ଦାସ

## ସଂକ୍ଷେପରେ

### ଦିବ୍ୟାଙ୍ଗ ଛାତ୍ରାଭିଭାବକଙ୍କ ପରାମର୍ଶ କର୍ମଶାଳା



**ଗଣିଆ,୧୮।୩ (ଡି.ଏନ.ଏ.):** ସର୍ବଶିକ୍ଷା ଅଭିଯାନ ଆନୁକୂଲ୍ୟରେ ଗଣିଆ ବ୍ଲକ ଶିକ୍ଷା ବିଭାଗ ତରଫରୁ ଛାମୁଣ୍ଡିଆସ୍ଥିତ କୁଞ୍ଜବିହାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ସୋମବାର ଦିବ୍ୟାଙ୍ଗ ଛାତ୍ରାଭିଭାବକଙ୍କୁ ନେଇ ଏକ ପରାମର୍ଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବଡଶିଲିଙ୍ଗା, ଛାମୁଣ୍ଡିଆ ଓ ରାସଙ୍ଗ କ୍ଲଷ୍ଟରର ୪୦ଜଣ ଛାତ୍ରାଭିଭାବକ ଅଂଶଗ୍ରହଣ କରିଥିଲେ । ରିସୋର୍ସ ପର୍ସନ ସୁନୀଲ କୁମାର ସାହୁ, ଶିକ୍ଷା ସ୍ୱେଚ୍ଛାସେବୀ ପ୍ରମୋଦ କୁମାର ନାୟକ ଓ ସିଆରସିସି ମହେଶ୍ୱର ପ୍ରଧାନ ପ୍ରମୁଖ ଯୋଗଦେଇ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ପରିଷ୍କାର ପରିଚ୍ଛନ୍ନତା, ସ୍ୱାସ୍ଥ୍ୟର ଯତ୍ନ, ବିଦ୍ୟାଳୟରେ ଶୈକ୍ଷିକ ବାତାବରଣ, ବିଭିନ୍ନ ସରକାରୀ ସୁବିଧା ଓ ସହାୟକ ଉପକରଣ ସମ୍ପର୍କରେ ଆଲୋଚନା ଓ ସଚେତନତା କରାଇଥିଲେ । ସେହିପରି ଆଡକଟା ପ୍ରାଥମିକ ବିଦ୍ୟାଳୟ ପରିସରରେ ଆୟୋଜିତ କର୍ମଶାଳାରେ ରିସୋର୍ସ ପର୍ସନ ବାମନ ଚରଣ ବାରିକି, ସିଆରସିସି କେଶବ ନାୟକ ଓ ଶିକ୍ଷା ସ୍ୱେଚ୍ଛାସେବୀ ଅନାମିକା ମିଶ୍ର ପ୍ରମୁଖ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଆଡକଟା କ୍ଲଷ୍ଟରର ୫୦ଜଣ ଛାତ୍ରାଭିଭାବକ ଅଂଶଗ୍ରହଣ କରିଥିଲେ।

### ଅବସରପ୍ରାପ୍ତ କର୍ମଚାରୀ ସଂଘର ଜରୁରୀ ବୈଠକ

**ଖଣ୍ଡପଡା,୧୮।୩(ସ୍ୱ.ପ୍ର.):** କଣ୍ଟିଲୋ ଅବସରପ୍ରାପ୍ତ କର୍ମଚାରୀ ସଂଘର ଏକ ଜରୁରୀ ବୈଠକ ରବିବାର ସ୍ଥାନୀୟ ଜନକଲ୍ୟାଣ କ୍ଲବ ଗୃହରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ଉପଦେଷ୍ଟା ଭୀମସେନ କାଣ୍ଟିଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ସଭାପତି ଅଖିଳ କୁମାର ମହରଣା ଅଧକ୍ଷତା କରିଥିଲେ। ଆତଙ୍କବାଦୀଙ୍କ ଦ୍ୱାରା ଶହୀଦ ଯବାନ ଓ ଅନୁଷ୍ଠାନର କେତେକ ସଦସ୍ୟଙ୍କ ବିୟୋଗରେ ସେମାନଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ସମ୍ପ୍ରତି ଏମ୍‌ପି ଲ୍ୟାଡରେ ଅନୁଷ୍ଠାନର ନୂତନ ଗୃହ ନିର୍ମାଣ କାର୍ଯ୍ୟ ଚାଲୁରହିଥିବା ବେଳେ ଏହି କାର୍ଯ୍ୟଟି କିପରି ସୂଚାରୁରୂପେ ସମ୍ପନ୍ନ କରାଯିବ ସେଥିପାଇଁ ସଭାପତି ସମସ୍ତଙ୍କର ସାହାଯ୍ୟ ଓ ସହଯୋଗ କାମନା କରିଥିଲେ। ଅନ୍ୟତମ ଉପଦେଷ୍ଟା ତଥା ଅନୁଷ୍ଠାନ ଗୃହ ପାଇଁ ଜମି ଦାନ କରିଥିବା ଅବସରପ୍ରାପ୍ତ ଡ଼ାକ୍ତର ସଚ୍ଚିଦାନନ୍ଦ ମିଶ୍ରଙ୍କୁ ସମସ୍ତ ସଦସ୍ୟ ସାଧୁବାଦ ଜଣାଇଥିଲେ । ବୈଠକରେ ୩୫ରୁ ଊର୍ଦ୍ଧ୍ୱ ସଦସ୍ୟାସଦସ୍ୟ ଉପସ୍ଥିତ ରହି ଗୃହ କାର୍ଯ୍ୟ ଶୀଘ୍ର ସମ୍ପନ୍ନ କରାଯିବା ପାଇଁ ତାଙ୍କୁ ସହଯୋଗ କରିବାକୁ ସମ୍ମତି ଦେଇଥିଲେ।

### ରମେଶ ବେହେରା ବିଜେଡିର ନୂଆ ପ୍ରାର୍ଥୀ

#### ବିଜେଡିର ୩ ନୂଆ ମୁହଁ ଦେଖିଲେ ଦଶପଲ୍ଲା ଭୋଟର

**ଦଶପଲ୍ଲା,୧୮।୩(ଡି.ଏନ.ଏ.):** ଚଳିତ ବିଧାନସଭା ଓ ଲୋକ ସଭା ଆସନ ପାଇଁ ସୋମବାର ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରିଛି ବିଜେଡି । ଦଶପଲ୍ଲା ବିଧାନସଭା ଆସନ ପାଇଁ ରମେଶ ବେହେରାଙ୍କ ନାମ ଘୋଷଣା କରାଯାଇଛି। ସେହିପରି ଦଶପଲ୍ଲା ବିଧାନସଭା ନିର୍ବାଚନ ମଣ୍ଡଳୀ କନ୍ଧମାଳ ସଂସଦୀୟ କ୍ଷେତ୍ରରେ ଯାଉଥିବାବେଳେ ଡ.ଅଚ୍ୟୁତ ସାମନ୍ତଙ୍କୁ ବିଜେଡି ଲୋକ ସଭା ପ୍ରାର୍ଥୀ ଭାବେ ଘୋଷଣା କରିଥିବାରୁ ଏହାକୁ ନେଇ ଦଶପଲ୍ଲାରେ ରାଜନୀତି ସରଗରମ ହୋଇଛି । ରମେଶଙ୍କୁ ପ୍ରାର୍ଥୀ ଘୋଷଣା କରିବା ପରେ ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକଙ୍କୁ ବିରୋଧ କରି ଆସୁଥିବା ଏବଂ ରମେଶଙ୍କୁ ସମର୍ଥନ କରିଆସୁଥିବା ବିଜେଡି କର୍ମୀମାନଙ୍କ ମଧରେ ଉତ୍ସାହ ଦେଖାଦେଇଛି। ଭାଜପା ଓ କଂଗ୍ରେସ ଦଳ ପକ୍ଷରୁ କିଏ ପ୍ରାର୍ଥୀ ହେବେ ତାହା ଅପେକ୍ଷା କରି ରହିଛନ୍ତି ଭୋଟର। ବିଜେଡି ଦୀର୍ଘ ୧୫ବର୍ଷ ମଧରେ ଦଶପଲ୍ଲା ବିଧାନ ସଭା ଆସନ ପାଇଁ ତିନି ନୂଆ ମୁହଁଙ୍କୁ ପ୍ରାର୍ଥୀ କରିଛି। ପୂର୍ବରୁ ବିଜେଡିର ପ୍ରାର୍ଥୀ ହୋଇ କାଶୀନାଥ ମଲ୍ଲିକ ଓ ପୂର୍ଣ୍ଣଚନ୍ଦ୍ର ନାୟକ ବିଜୟ ଲାଭ କରିଥିବା ବେଳେ ଏବେ ନୂଆ ମୁହଁ ରମେଶ ବିଜେଡିର ପ୍ରାର୍ଥୀ ହୋଇ ପ୍ରତିଦ୍ୱନ୍ଦିତା କରିବେ ।

## ମାର୍ଚ୍ଚ ୨୦ ବିଶ୍ୱ ଘରଚଟିଆ ଦିବସ ଉପଲକ୍ଷେ

# ଶୁଭୁନି ଘରଚଟିଆଙ୍କ କିଚିରିମିଚିରି ଶବ୍ଦ

ଅଜୟ କୁମାର ମହାରଣା
ଖଣ୍ଡପଡା,୧୮।୩

ମଣିଷ ଓ ପଶୁପକ୍ଷୀଙ୍କ ସହାବସ୍ଥାନ ପ୍ରକୃତିର ନିୟମ। ମାତ୍ର ସ୍ରଷ୍ଟାଙ୍କ ଶ୍ରେଷ୍ଠ ଜୀବ ବୋଲାଉଥିବା ମଣିଷର କ୍ରୂରତାରେ ପଶୁପକ୍ଷୀଙ୍କ ଜୀବନ ଏବେ ବିପନ୍ନ । ପୂର୍ବରୁ ପଶୁପକ୍ଷୀଙ୍କ ପାଇଁ ମଣିଷ ହୃଦୟରେ ଥିଲା ଜୀବେ ଦୟା ମନୋବୃତ୍ତି। କିନ୍ତୁ ବର୍ତ୍ତମାନ ନିଜର ସୁଖ ସ୍ୱାଚ୍ଛନ୍ଦ୍ୟ ପାଇଁ ସେ ବଣ ଜଙ୍ଗଲ, ଗଛଲତା ଧ୍ୱଂସ କରି କଂକ୍ରିଟ ସହର ଗଢିବାରେ ଲାଗିଛି। ଫଳରେ ଅନେକ ଜୀବଜନ୍ତୁ ବାସହରା ହେବା ସହ ପଶୁପକ୍ଷୀଙ୍କ ଦ୍ରୁତ ଅବକ୍ଷୟ ଘଟୁଛି। ଏଭଳି ଏକ ପକ୍ଷୀ ହେଉଛି ଘରଚଟିଆ, ଯାହା ଏବେ କଦବା କେଉଁଠି ଦେଖିବାକୁ ମିଳୁଛି।

ଜଳବାୟୁ ପରିବର୍ତ୍ତନ, କୃଷି କ୍ଷେତ୍ରରେ ମାତ୍ରାଧିକ କୀଟନାଶକ ପ୍ରୟୋଗ, ମୋବାଇଲ ଟାୱାରର ମାଇକ୍ରୋୱେଭ ତରଙ୍ଗ ଯୋଗୁ କେତେକ ଉପକାରୀ ପକ୍ଷୀ ଲୋପ ପାଇବାକୁ ବସିଲେଣି । ଗାଁ ପରିବେଶ ବଦଳିଗଲାଣି। ଗାଁ ଦାଣ୍ଡରେ ଧୂଳି ପରିବର୍ତ୍ତେ କଂକ୍ରିଟ ଚଟାଣ ଦେଖିବାକୁ ମିଳୁଛି। ପ୍ରାୟ ୯୫ ପ୍ରତିଶତରୁ ଊର୍ଦ୍ଧ୍ୱ ଚାଳ ଛପର ଗୃହ ଏବେ ପକ୍କା ଘରରେ ପରିଣତ ହୋଇଛି । ପୂର୍ବରୁ ଚାଳଛପର ଘରର ଓଳି ତଳ ଚାଳରେ ଗୋଟିଏ ଗୋଟିଏ କଣା ଦୃଶ୍ୟମାନ ହେଉଥିଲା । ସେହି କଣାରେ ଘରଚଟିଆମାନେ ବସାବାନ୍ଧି ରହୁଥିଲେ। ଅତି ଛୋଟ ପକ୍ଷୀଟିଏ ଘରଚଟିଆ । ଲମ୍ବ ପ୍ରାୟ ୧୨ରୁ ୧୪ ସେ.ମି. ମଧରେ ସୀମିତ । ଓଜନ ୨୫ରୁ ୩୫ ଗ୍ରାମ ହେବ।



ଆକାରରେ ଛୋଟ ହେଲେ ବି ଧୂସର ରଙ୍ଗର ଏହି ପକ୍ଷୀଟି ଭାରି କର୍ମଠ । କାଠି କୁଟା ସଂଗ୍ରହ କରି ଚାଳ ଘର କିମ୍ବା ଗାଁ ପାଖ ବଣ ବୁଦାରେ ନିର୍ମାଣ କରିଥାଏ ତା' ନୀଡ଼ । ସେଠାରେ ସେ ଥରକୁ ୨ଟି କିମ୍ବା ୩ଟି ଅଣ୍ଡା ଦେଇ ବଂଶବିସ୍ତାର କରିଥାଏ। ଦାଣ୍ଡ ଅଗଣାରେ ଦଳ ଦଳ ହୋଇ ଖାଦ୍ୟ ସଂଗ୍ରହ କରୁଥିବା ଏହି ଛୋଟ ଚଢେଇମାନଙ୍କ କିଚିରିମିଚିରି ଶବ୍ଦ ବେଶ୍ ମନଲୋଭା। ଗାଁ ଦାଣ୍ଡରେ ଘରଚଟିଆଙ୍କ ଧୂଳି ଗାଧୁଆ ଦୃଶ୍ୟ ଅତ୍ୟନ୍ତ ଆକର୍ଷଣୀୟ। ମାତ୍ର ସମ୍ପ୍ରତି ବାସସ୍ଥଳୀ ସଙ୍କଟ, ଖାଦ୍ୟାଭାବ ଓ ପରିବେଶ ପ୍ରଦୂଷଣ ଆଦି କାରଣରୁ ଏହି କ୍ଷୁଦ୍ର ପକ୍ଷୀ ବଂଶ ଲୋପ ପାଇବାକୁ ବସିଲାଣି। ଏଣୁ ଗାଁ ଦାଣ୍ଡରେ ଡେଇଁ ଡେଇଁ ଦାନା ଅଣ୍ଡାଳୁଥିବା

### ଗାଁ ଦାଣ୍ଡରେ ଦେଖାଯାଉନି ଧୂଳି ଗାଧୁଆ ଦୃଶ୍ୟ

ଦୃଶ୍ୟ ହେଉ ଅବା ଗ୍ରୀଷ୍ମ ଋତୁରେ ଧୂଳି ଗାଧୁଆ ଦୃଶ୍ୟ ଏବେ ଦେଖିବାକୁ ମିଳୁନି । ଘରଚଟିଆ ବି ମଣିଷର ଖୁବ ଉପକାରୀ। ବିଶେଷତଃ ସେ କୃଷକର ପରମ ବନ୍ଧୁ । ସଶ୍ୟରେ ଥିବା ଅପକାରୀ କୀଟ ହିଁ ତାର ଖାଦ୍ୟ। ତେଣୁ ସଶ୍ୟ ବହୁଦିନ ସଂରକ୍ଷଣ ହୋଇ ରହିପାରେ। ଘରଚଟିଆମାନେ ବର୍ଷାର ଆଗମନ ସମ୍ପର୍କରେ ସୂଚନା ଦେଇଥାନ୍ତି । ଯଦି ସେମାନେ ଦଳ ଦଳ ହୋଇ ଦାଣ୍ଡ ଧୂଳିରେ ପୋତି ହୋଇ ଖେଳାଖେଳି କରନ୍ତି ତେବେ ବର୍ଷା ନିଶ୍ଚିତ ହେବ ବୋଲି ଜଣା ପଡିଥାଏ । ସେହିପରି ପକ୍ଷୀଟି ଯଦି ନିଜ ବସାକୁ ବାରମ୍ବାର ପଶେ ଓ ବାହାରେ ତେବେ ଝଡବତାସର ମଧ୍ୟ ସୂଚନା ମିଳୁଥିଲା । ଘରେ ଘରଚଟିଆ ବସା ବାନ୍ଧୁଥିଲେ ଗାଁ ଲୋକେ ଶୁଭ ବୋଲି ବିଚାରୁଥିଲେ। ହେଲେ ବର୍ତ୍ତମାନ ଏହି ଦୃଶ୍ୟ ଦେଖାଯାଉନି। ଏହି ପକ୍ଷୀମାନେ ମୁଖ୍ୟତଃ ଗାଁ ଗୋହିରୀ, ଜମିବାଡିରୁ ଉଇ, ଝିଣ୍ଟିକା, ପୋକଜୋକ ଖାଇଥାନ୍ତି । ଏହାଦ୍ୱାରା ଫସଲ ସୁରକ୍ଷିତ ରହୁଥିଲା। ମାତ୍ର କୃଷି କାର୍ଯ୍ୟରେ ବ୍ୟାପକ କୀଟନାଶକ ପ୍ରୟୋଗ ହେତୁ ଜିଆ ସମେତ ବହୁ କୀଟପତଙ୍ଗ ନଷ୍ଟ ହୋଇ ସେମାନଙ୍କ ପାଇଁ ଖାଦ୍ୟ ସଙ୍କଟ ସୃଷ୍ଟି କରୁଛି । ସେହିପରି ପ୍ରତ୍ୟହ ଯାତାୟାତ କରୁଥିବା ହଜାର ହଜାର ଗାଡିମୋଟରର ଧୂଆଁ, ଶବ୍ଦ ପ୍ରଦୂଷଣର ପ୍ରତିକୂଳ ପ୍ରଭାବ ମଧ ଘରଚଟିଆଙ୍କ ଉପରେ ଦାଉ ସାଧିଲା । ଉକ୍ତ ପକ୍ଷୀର ସୁରକ୍ଷା କରା ନ ଗଲେ ଆଗାମୀ ପିଢି ଏହି ପକ୍ଷୀ ସମ୍ପର୍କରେ ଜାଣିଲେ ମଧ ଦେଖିବାର ସୁଯୋଗ ପାଇବେ ନାହିଁ ବୋଲି ଆଲୋଚନା ହେଉଛି।

ଘରଚଟିଆଙ୍କ ବଂଶବୃଦ୍ଧି ପାଇଁ ବିଶ୍ୱ ବ୍ୟାପୀ ଉଦ୍ୟମ ଚାଲିଛି। ନାସିକ୍‌ର ବିଶିଷ୍ଟ ପକ୍ଷୀପ୍ରେମୀ ମହମ୍ମଦ ଇ ଦିଲ୍ଲାବରଙ୍କ ପ୍ରୟାସ ଯୋଗୁ ଘରଚଟିଆଙ୍କ ଉଦ୍ଦେଶ୍ୟରେ ୨୦୧୦ ମାର୍ଚ୍ଚ ୨୦ ତାରିଖକୁ 'ବିଶ୍ୱ ଘରଚଟିଆ' ଦିବସ ରୂପେ ପାଳନ କରାଯାଉଛି। ଏହି ପକ୍ଷୀଙ୍କ ସୁରକ୍ଷା ତଥା ବଂଶବୃଦ୍ଧି ପାଇଁ ନୟାଗଡ଼ ଜିଲାର ଜଣେ ଯୁବ ଇଞ୍ଜିନିୟର ଆଦିତ୍ୟ କୁମାର ଦାଶ ୨୦୧୭ରୁ ନିଜସ୍ୱ ଉଦ୍ୟମରେ 'ଗ୍ରୀନ ଆର୍ଥ' ନାମକ ସଂସ୍ଥା ଗଠନ କରିଛନ୍ତି। ଏହା ମାଧମରେ ସେ ଖଣ୍ଡପଡା ବ୍ଲକର ଶିଖରପୁର, ନୟାଗଡ଼ ବ୍ଲକର ନାଗମୁଣ୍ଡୁଳୀ ଓ ଓଡଗାଁ ବ୍ଲକର ବଡକୁଟୁଣୀ ଗ୍ରାମକୁ ଯାଇ ଲୋକଙ୍କୁ ସଚେତନ କରୁଛନ୍ତି। ମାଟି ହାଣ୍ଡି ଓ କାଠର କୃତ୍ରିମ ବସା ତିଆରି କରି ଘର କାନ୍ଥ ଓ ବିଭିନ୍ନ ସ୍ଥାନରେ ରଖୁଛନ୍ତି। କଣ୍ଟିଲୋ ଅଞ୍ଚଳର ପରିବେଶବିତ୍ ଅନ୍ତର୍ଯାମୀ ସାହୁ ମଧ ଏ ଦିଗରେ ଉଦ୍ୟମ ଜାରି ରଖିଛନ୍ତି। ସେ ଘରଚଟିଆଙ୍କ ବଂଶ ବିସ୍ତାର ପାଇଁ ରାସ୍ତା କଡ, ମାଳବନ୍ଧ, ଗ୍ରାମ ଜଙ୍ଗଲରେ ଖଜୁରି, ତାଳ ଓ ଅନ୍ୟାନ୍ୟ ବୃକ୍ଷ ରୋପଣ କରୁଛନ୍ତି। ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ଏହି ପକ୍ଷୀମାନଙ୍କ ବଂଶ ବୃଦ୍ଧି ପାଇଁ ଯତ୍ନବାନ ହେବା ଜରୁରୀ ହୋଇପଡିଛି ।

## ବିଭିନ୍ନ ସ୍ଥାନରେ ଧର୍ମୀୟ କାର୍ଯ୍ୟକ୍ରମ



ନବାହ୍ନ ପାରାୟଣର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଚାଲୁରହିଛି ।

ଗଣିଆ,୧୮।୩ (ଡି.ଏନ.ଏ.)

ଗଣିଆ ବ୍ଲକର ବିଭିନ୍ନ ଗ୍ରାମରେ ଧର୍ମୀୟ କାର୍ଯ୍ୟକ୍ରମ ଚାଲୁରହିଛି। ଛାମୁଣ୍ଡିଆ ପଞ୍ଚାୟତର ଛାମୁଣ୍ଡିଆ ବଜାରରେ ଗତ ୯ଦିନ ଧରି ଚାଲୁରହିଥିବା ନବାହ୍ନ ପାରାୟଣ କାର୍ଯ୍ୟକ୍ରମ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଅପରାହ୍ନରେ ଶ୍ରୀ ହନୁମାନଜୀଉଙ୍କ ମନ୍ଦିର ପରିସରରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଦେଖିବା ପାଇଁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସେହିପରି କୁମ୍ଭୀରଖଣୀ ଗୋଡିସାହି ଗ୍ରାମବାସୀଙ୍କ ତରଫରୁ ସୋମବାର ଅଷ୍ଟପ୍ରହର ନାମଯଜ୍ଞ ଚାଲୁରହିଛି। ମଙ୍ଗଳବାର ସକାଳୁ ନଗରକୀର୍ତ୍ତନ ସହ କାର୍ଯ୍ୟକ୍ରମ ଉଦ୍‌ଯାପିତ ହେବ । ସେହିପରି ରାସଙ୍ଗ ପଞ୍ଚାୟତର ରାସଙ୍ଗ ଗ୍ରାମସ୍ଥିତ ଶ୍ରୀ ଶ୍ରୀ ରାଧାକାନ୍ତ ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ବିଂଶତମ ବାର୍ଷିକ ଶ୍ରୀମଦ୍ ଭଗବତ ସପ୍ତାହ ପାରାୟଣ ମହାଯଜ୍ଞ ଓ ଅଷ୍ଟପ୍ରହର ନାମସଂକୀର୍ତ୍ତନ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଗ୍ରାମବାସୀଙ୍କ ତରଫରୁ ୭ଦିନ ଧରି ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ବରେଣ୍ୟ ପ୍ରବକ୍ତାମାନଙ୍କ ଦ୍ୱାରା ସତ୍‌ସଙ୍ଗ ଓ ହରିକଥା ଶୁଣିବାକୁ ଶତାଧିକ ଶ୍ରଦ୍ଧାଳୁଙ୍କ ଉପସ୍ଥିତି ଦେଖିବାକୁ ମିଳିଥିଲା।

## ନୂଆଗାଁରେ ହକ୍ ମାଗୁଛି ଓଡିଶା କାର୍ଯ୍ୟକ୍ରମ




ନୂଆଗାଁ ଠାରେ ହକ୍ ମାଗୁଛି ଓଡିଶା କାର୍ଯ୍ୟକ୍ରମ

ନୂଆଗାଁ,୧୮।୩ (ଡି.ଏନ.ଏ.)

ଓଡିଶା ପ୍ରତି କେନ୍ଦ୍ର ସରକାରଙ୍କ ଅବହେଳା ବିରୋଧରେ ନୂଆଗାଁ ବ୍ଲକ ୧୭ନଂ. ଜୋନ ବିଜେଡି ତରଫରୁ ସୋମବାର ହକ୍ ମାଗୁଛି ଓଡିଶା କାର୍ଯ୍ୟକ୍ରମ ନୂଆଗାଁ ବସ୍‌ଷ୍ଟାଣ୍ଡ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦଳର ବରିଷ୍ଠ କର୍ମୀମାନେ ଯୋଗଦେଇ କେନ୍ଦ୍ର ସରକାର ଓଡିଶାକୁ ଅବହେଳା ପ୍ରଦର୍ଶନ କରୁଥିବା ନେଇ ବକ୍ତବ୍ୟ ରଖିଥିଲେ। ତୈଳ ଦର ବୃଦ୍ଧି, ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ନିର୍ମାଣରେ ମନ୍ଥରତା, ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରଦାନ, ମହାନଦୀ ପାଣି ଆଦି କ୍ଷେତ୍ରରେ କେନ୍ଦ୍ର ସରକାର ଓଡିଶାକୁ ଅବହେଳା କରୁଥିବା ବିଷୟରେ କର୍ମୀମାନେ ଲୋକମାନଙ୍କୁ ଅବଗତ କରାଇଥିଲେ । ଏପରି କି ରାଜ୍ୟ ସରକାର ଲୋକମାନଙ୍କ ପାଇଁ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରିବା ପାଇଁ ଯୋଜନା କରୁଥିଲେ ମଧ୍ୟ କେନ୍ଦ୍ର ସରକାର ସହଯୋଗ କରୁ ନ ଥିବା କହିଥିଲେ। ଏହି କାର୍ଯ୍ୟକ୍ରମରେ ତ୍ରିନାଥ କୁମାର ନାୟକ, ଦିଲୀପ ଦଳବେହେରା, ଜିତେନ୍ଦ୍ର କୁମାର ସାହୁ, ପୁଷ୍ପାଞ୍ଜଳି ସାହୁ, ନୃସିଂହ ଚରଣ ପାଢୀ, ସଞ୍ଜୀବ କୁମାର ସାହୁଙ୍କ ସମେତ ବିଜୁ ଜନତା ଦଳର ବହୁ ବରିଷ୍ଠ କର୍ମୀ ଯୋଗଦେଇଥିଲେ।

# ବିଧାୟକ ପ୍ରାର୍ଥିତ୍ୱକୁ ବିରୋଧ

ବୋଲଗଡ଼,୧୮।୩(ଡି.ଏନ.ଏ.)

ବେଗୁନିଆ ନିର୍ବାଚନ ମଣ୍ଡଳୀରେ ଅଣ ଆଞ୍ଚଳିକ ପ୍ରାର୍ଥିତ୍ୱକୁ ବିରୋଧ କରି ସୋମବାର ବୋଲଗଡ଼ସ୍ଥିତ ଗାନ୍ଧୀମଣ୍ଡପ ନିକଟରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଛି। ଚଳିତ ସାଧାରଣ ନିର୍ବାଚନରେ ସ୍ଥାନୀୟ ଅଞ୍ଚଳର ପ୍ରାର୍ଥୀଙ୍କୁ ସୁଯୋଗ ଦେବାକୁ ସମସ୍ତ ରାଜନୈତିକ ଦଳମାନଙ୍କୁ ଆହ୍ୱାନ ଦିଆଯାଇଛି। ଯେଉଁ ଦଳ ଅଣଆଞ୍ଚଳିକ ବ୍ୟକ୍ତିଙ୍କୁ ବିଧାୟକ ପ୍ରାର୍ଥୀ କରିବ ସେମାନଙ୍କୁ ତୀବ୍ର ବିରୋଧ କରାଯିବ ବୋଲି ବେଗୁନିଆ-ବୋଲଗଡ ଭୂମିପୁତ୍ର ସ୍ୱାଭିମାନ ମଞ୍ଚ ପକ୍ଷରୁ ଆୟୋଜିତ ଏହି ସଭାରେ କୁହାଯାଇଛି। ଅର୍ଜୁନ ଗଡବାଡ଼ଙ୍କ ଆବାହକତ୍ୱରେ ସମାଜିକ କର୍ମୀ କୃଷ୍ଣମୋହନ ପାଲଟାସିଂହ ସଭାରେ ପୌରୋହିତ୍ୟ କରିଥିଲେ। ଅନ୍ୟମାନଙ୍କ ମଧରେ ଐତିହାସିକ ରବୀନ୍ଦ୍ର ପରିଡା, ଭିକାରୀ ସାହୁ , ଆଇନଜୀବୀ ସୁଶ୍ରୀ ଗୌରୀଦେବୀ, ଅକ୍ଷୟ ରଥ, ଗୋପବନ୍ଧୁ ସାହୁ, ଗୋପୀନାଥ ଖାଡେଙ୍ଗା,

### ସ୍ଥାନୀୟ ବ୍ୟକ୍ତିଙ୍କୁ ସୁଯୋଗ ମିଳୁ



ସଭାରେ ଯୋଗଦେଇଥିବା କର୍ମକର୍ତ୍ତା ଓ ସଦସ୍ୟ।

ବଟକୃଷ୍ଣ ସାହୁ, ଗୋପବନ୍ଧୁ ସାହୁ, ଭାଗବତ ମହାପାତ୍ର, ଗୁଲାମ ନବୀ ତରଫଦାର, ଅମୂଲ୍ୟ ତ୍ରିପାଠୀ, ବିଜୟ କଲ୍ଲୁମାର ପ୍ରଧାନ, ପ୍ରସନ୍ନ ସାମନ୍ତରାୟ, ଆଲୋକ ସୁବୁଦ୍ଧି ଓ ରାଧାଶ୍ୟାମ ରାୟଗୁରୁ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ବେଗୁନିଆ ଓ ବୋଲଗଡ ଉଭୟ ବ୍ଲକ ଅଞ୍ଚଳରେ ସୁଯୋଗ୍ୟ ପ୍ରାର୍ଥୀ ରହିଥିବା ସଭାରେ ମତ ପ୍ରକାଶ ପାଇଥିଲା। ଏହି ଅବସରରେ ଜନୈକ ନେତା କୃଷ୍ଣଚନ୍ଦ୍ର ବାରିକ କହିଛନ୍ତି, ସ୍ଥାନୀୟ ବ୍ୟକ୍ତି ପ୍ରାର୍ଥୀ ହେବାର ସୁଯୋଗ ପାଇଲେ ଅଞ୍ଚଳର ସ୍ୱାଭିମାନ ରହିବା ସହ ବିକାଶ ହୋଇପାରିବ। ବାହାର ଅଞ୍ଚଳ ପ୍ରାର୍ଥୀମାନେ ନିର୍ବାଚନ ଜିତିଗଲେ ମୁରବୀପଣିଆ ଦେଖାଉଥିବା ଅଭିଯୋଗ ହୋଇଛି। ତେଣୁ ଚଳିତ ନିର୍ବାଚନରେ ସ୍ଥାନୀୟ ପ୍ରାର୍ଥୀଙ୍କୁ ଟିକେଟ ଦେବା ପାଇଁ ମଞ୍ଚ ପକ୍ଷରୁ ଦାବି ହୋଇଛି ।

## ବଢୁଛି ବେଆଇନ ମଦ ବ୍ୟବସାୟ, ୨ କୋର୍ଟଚାଲାଣ

ନିରାକାରପୁର,୧୮।୩(ଡି.ଏନ.ଏ.)

ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅଧୀନ ବିଭିନ୍ନ ଅଞ୍ଚଳରେ ଦିନକୁ ଦିନ ବେଆଇନ ଦେଶୀ ଓ ବିଦେଶୀ ମଦ ବ୍ୟବସାୟ ବଢୁଥିବା ଅଭିଯୋଗ ହେଉଛି। ଏ ନେଇ ଜନସାଧାରଣଙ୍କ ମଧରେ ଅସନ୍ତୋଷ ଦେଖାଦେଇଛି। କାରଣ ମଦ୍ୟପାନ ଦ୍ୱାରା ସ୍ଥାନୀୟ ଅଞ୍ଚଳରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧିପାଉଛି। ଏଭଳି କାର୍ଯ୍ୟ ବନ୍ଦ କରିବା ନିମନ୍ତେ ଜଙ୍କିଆ ଥାନାରେ ନୂତନ ଭାବେ ଯୋଗ ଦେଇଥିବା ଆଇଆଇସି ସତ୍ୟବ୍ରତ ଲେଙ୍କାଙ୍କ ନେତୃତ୍ୱରେ ଏସ୍‌ଆଇ ରଶ୍ମିରଞ୍ଜନ ଦାଶ ଓ କର୍ମଚାରୀମାନେ ରବିବାର ଚଢାଉ କରି ଦୁଇଟି ସ୍ଥାନରୁ ୨୦ ଲିଟର ଚୋରା ମଦ ଜବତ କରିଛନ୍ତି। ଏ ଘଟଣାରେ ୨ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ବାବୁଲି ବେହେରା ଓ ଶରତ ପ୍ରଧାନ। ଜଙ୍କିଆ ଥାନା ଅନ୍ତର୍ଗତ ଗୋଳବାଇ ଛକରୁ ବାବୁଲିଙ୍କଠାରୁ ୧୦ ଲିଟର ଦେଶୀମଦ ଓ ଗୋଡ଼ିପଡ଼ାର ଶରତଙ୍କଠାରୁ ୧୦ ଲିଟର ଦେଶୀ ଓ ବିଦେଶୀ ମଦ ପୋଲିସ ଜବତ କରି ଉଭୟଙ୍କୁ କୋର୍ଟଚାଲାଣ କରିଛି।

# ଭାଜପାର ସଂକଳ୍ପ ପଦଯାତ୍ରା

ବୋଲଗଡ଼,୧୮।୩(ଡି.ଏନ.ଏ.)

ସାଧାରଣ ନିର୍ବାଚନ ପାଇଁ ବିଭିନ୍ନ ସ୍ଥାନରେ ଭାଜପା ପକ୍ଷରୁ ସଂକଳ୍ପ ପଦଯାତ୍ରା ଆୟୋଜିତ ହେଉଛି । ଏହି ଅବସରରେ ଭାଜପା ନେତ୍ରୀ ଅପରାଜିତା ଷଡ଼ଙ୍ଗୀଙ୍କ ନେତୃତ୍ୱରେ ସୋମବାର ବୋଲଗଡ଼ ବ୍ଲକ ପିଟୁକୁଳି ପଞ୍ଚାୟତ ଅଞ୍ଚଳରେ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଦଳୀୟ ନେତୃବୃନ୍ଦ ପିଟୁକୁଳି, ଚମ୍ପାଇଲୋ, ମାଗୁରା ଆଦି ଗ୍ରାମ ପରିକ୍ରମାକରି ଲୋକମାନଙ୍କ ବିଭିନ୍ନ ସମସ୍ୟା ବିଷୟରେ ପଚାରିଥିଲେ। ନେତୃବୃନ୍ଦ ମୋଦି ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରିଥିଲେ। ଭାଜପାକୁ ସରକାର ଗଠନ ନିମନ୍ତେ ସୁଯୋଗ ଦିଆଗଲେ ଲୋକଙ୍କ ବିଭିନ୍ନ ସମସ୍ୟାର ସମାଧାନ ଓ ବିକାଶ ନିଶ୍ଚିତ ଭାବେ ହୋଇପାରିବ ବୋଲି ଭାଜପା ରାଜ୍ୟ ଓବିସି ମୋର୍ଚ୍ଚା ସମ୍ପାଦକ ପ୍ରକାଶ ବିଜୁଳି କହିଥିଲେ। ସଂଘମିତ୍ରା ରାଜଗୁରୁ, ଜୟଶ୍ରୀ ପଟ୍ଟନାୟକ, ପୂର୍ବତନ ମଣ୍ଡଳ ସଭାପତି ସୁବାସ ଚନ୍ଦ୍ର ମିଶ୍ର, ଅଶୋକ ରାଉତ, ସିଲୁ ବଳିୟାରସିଂହ, ଅନୀଲ ମାର୍ଥା, ମିଥୁନ ପାଇକରାୟ, ବିଶୁ ରଣସିଂହ, ପ୍ରଦୀପ ନାୟକ, ବେଣୁଧର ରଣବିଜୁଳି, ବାବୁଲି ମାଣିକ, ସୁଶାନ୍ତ ଜଗଦ୍ଦେବ, ପ୍ରଫୁଲ୍ଲ ଗୁମାନସିଂହଙ୍କ ସମେତ ପ୍ରାୟ ୩ଶହରୁ ଊର୍ଦ୍ଧ୍ୱ କର୍ମୀ ଏହି ପଦଯାତ୍ରାରେ ଯୋଗଦେଇଥିଲେ ।



ପଦଯାତ୍ରାରେ ଯୋଗଦେଇଥିବା ନେତ୍ରୀ ଅପରାଜିତା ଷଡଙ୍ଗୀ ଓ ଅନ୍ୟମାନେ।

# ପୁନର୍ବାର ଅନଶନରେ ବସିଲେ ମହିଳା

ନୟାଗଡ଼ ଅଫିସ,୧୮।୩

ଥାନାରେ ଅଭିଯୋଗ କଲେ ହେଲେ ନ୍ୟାୟ ମିଳିଲା ନାହିଁ। ନ୍ୟାୟ ପାଇବା ଆଶାରେ ଗତ ୧୨ ତାରିଖରେ ଭାପୁର ବ୍ଲକ ଫତେଗଡ଼ ଥାନା ବାଇଗୁଣିଆ ଗ୍ରାମର ଶ୍ରଦ୍ଧାଞ୍ଜଳି ପ୍ରଧାନ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ପରେ ଟାଉନ ପୋଲିସ ପହଞ୍ଚି ବୁଝାଶୁଝା କରିବା ସହ ତୁରନ୍ତ ଏହି ଘଟଣାର ସମାଧାନ ପାଇଁ ପ୍ରତିଶ୍ରୁତି ଦେବାରୁ ଶ୍ରଦ୍ଧାଞ୍ଜଳି ଧାରଣାରୁ ଉଠିଥିଲେ। ୧୪ ତାରିଖ ଭିତରେ ଯଦି ତାଙ୍କୁ ନ୍ୟାୟ ନ ମିଳେ ତାହା ହେଲେ ୧୮ ତାରିଖଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସିବେ ବୋଲି ସେହି ସମୟରେ ଶ୍ରଦ୍ଧାଞ୍ଜଳି ପ୍ରକାଶ କରିଥିଲେ। ୧୮ ତାରିଖ ହୋଇଯାଇଥିଲେ ସୁଦ୍ଧା କୌଣସି ନ୍ୟାୟ ନ ମିଳିବାରୁ ମହିଳା ଜଣଙ୍କ ପୁନର୍ବାର ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଅନଶନରେ ବସିଥିଲେ। ତାଙ୍କ ସହିତ ବହୁ ମହିଳା ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଅନଶନରେ ବସିଥିଲେ। ଏହା ପରେ ମହିଳାଙ୍କର ଦୁଇ ଜଣ ପ୍ରତନିଧି ଯାଇ ଏସ୍‌ପିଙ୍କୁ ଭେଟିଥିଲେ। ଏସ୍‌ପି ଶଶିଭୂଷଣ ଶତପଥୀ ୨ ଦିନ ଭିତରେ ଏହାର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେବା ପରେ



ମହିଳାମାନଙ୍କ ସହ ଅନଶନରେ ବସିଛନ୍ତି ଶ୍ରଦ୍ଧାଞ୍ଜଳି।

### ୨ ଦିନ ଭିତରେ ସମାଧାନ କରିବାକୁ ପ୍ରତିଶ୍ରୁତି ଦେଲେ ଏସ୍‌ପି

ମହିଳାମାନେ ଅନଶନରୁ ହଟିଥିଲେ।

ଅଭିଯୋଗରୁ ପ୍ରକାଶ ଯେ, ଶ୍ରଦ୍ଧାଞ୍ଜଳି ୧ ମାର୍ଚ୍ଚ ୨୦୧୭ରେ ନୂଆଗାଁ ଥାନା ସମ୍ପଡ଼ା ଗ୍ରାମର ସନ୍ତୋଷ କୁମାର ନାୟକଙ୍କୁ ବିବାହ କରିଥିଲେ। ବିଭିନ୍ନ ସମୟରେ ସନ୍ତୋଷ ସ୍ତ୍ରୀଙ୍କୁ ମାନିସକ ଓ ଶାରୀରିକ ନିର୍ଯାତନା ଦେବା ସହିତ ବାପଘରୁ ଅଧିକା ଯୌତୁକ ଆଣିବା ଲାଗି ଦାବି କରି ଆସୁଥିଲେ। ଫଳରେ ଶ୍ରଦ୍ଧାଞ୍ଜଳି ବାପଘର ବାଇଗୁଣିଆ ଗ୍ରାମକୁ ଚାଲି ଆସିଥିଲେ। ୨୯ ଏପ୍ରିଲ୍ ୨୦୧୮ରେ ସ୍ୱାମୀ ତାଙ୍କୁ ଯୌତୁକ ନିର୍ଯାତନା ଦେଉଥିବା ନେଇ ସେ ଫତେଗଡ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଉଥିବାବେଳେ ସନ୍ତୋଷ ହାଇକୋର୍ଟରୁ ଆଗୁଆ ବେଲ୍‌ରେ ପଳାଇ ଆସିଥିଲେ। ଏ ନେଇ ଶ୍ରଦ୍ଧାଞ୍ଜଳି ପୋଲିସ ଓ ଜିଲା ପ୍ରଶାସନକୁ ଜଣାଇଥିଲେ ମଧ କୌଣସି ନ୍ୟାୟ ମିଳି ନ ଥିଲା। ଏହି ମାମଲା ଚାଲୁଥିବା ବେଳେ ତାଙ୍କ ସ୍ୱାମୀ ୨୦ ମାର୍ଚ୍ଚ ୨୦୧୮ରେ ୨ୟ ବିବାହ କରିଥିଲେ। ଏ ସମ୍ପର୍କରେ ସେ ନୂଆଗାଁ ଥାନାକୁ ଅଭିଯୋଗ କରିବା ପାଇଁ ଯାଇଥିଲେ। ହେଲେ ଥାନା ଅଧିକାରୀ ତାଙ୍କର କୌଣସି ଅଭିଯୋଗ ରଖି ନ ଥିଲେ। ଅପରାହ୍ନରେ ଥାନାକୁ ଯାଇଥିବା ବେଳେ ସନ୍ଧ୍ୟାରେ ଥାନା ଅଧିକାରୀ ତାଙ୍କର ଅଭିଯୋଗ କପି ରଖି ଘରକୁ ଯିବାକୁ କହିଥିଲେ। ସନ୍ତୋଷ ସିଆରପିଏଫର କନଷ୍ଟେବଲ ଥିବାରୁ ପୋଲିସ ତାଙ୍କୁ ସହଯୋଗ କରିଥିବା ଶ୍ରଦ୍ଧାଞ୍ଜଳି ଅଭିଯୋଗ କରିଛନ୍ତି। ଦୁଇ ଦିନ ଭିତରେ ଯଦି ନ୍ୟାୟ ନ ମିଳେ ପୁନର୍ବାର ସେ ଅନଶନରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।